**କବିଙ୍କ ଗାଁରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ**

# କାନ୍ତକବି ଆଶାବାଦର ଭାଷ୍ୟକାର; ଦେଶପ୍ରେମର ଭାବତପସ୍ୱୀ

**ତିହିଡି, ୯ ।୧୨(ସମିସ)**



ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା ଏକାଧାରରେ କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ ଓ ବ୍ୟଙ୍ଗକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜଣେ ଜୀବନବାଦୀ ଲେଖକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ଥିଲେ ଆଶାବାଦର ପ୍ରଥମ ଭାଷ୍ୟକାର ଓ ଦେଶପ୍ରେମର ମହାନ ଭାବତପସ୍ୱୀ ବୋଲି କବିଙ୍କ ନିଜ ଗାଁର ଡାକପଦା ଠାରେ ଅନୁଷ୍ଠିତ କାନ୍ତକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତପୋଷଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାନ୍ତକବି ସ୍ମୃତି ପରିଷଦ ଓ ତିହିଡି ବିପ୍ଳବ ସାଂସ୍କୃତିକ ସହଯୋଗରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଏକାଡେମୀର ପ୍ରାକ୍ତନ ସଦସ୍ୟ ପବିତ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିବା ବେଳେ ବରିଷ୍ଠ ଗ୍ରନ୍ଥକାର ଅଭୟ ଦ୍ୱିବେଦୀ ମୁଖ୍ୟବକ୍ତା, ବରିଷ୍ଠ ସାହିତ୍ୟିକ ହୃଦାନନ୍ଦ ପାଣିଗ୍ରାହୀ ବରେଣ୍ୟ ଅତିଥି, କବି ଦୀନବନ୍ଧୁ ପତି, କାନ୍ତକବି ସ୍ମୃତି ପରିଷଦର ସମ୍ପାଦକ ଚିନ୍ତାମଣି ଦାସ, ତିହିଡି ବିପ୍ଳବ ସଂସ୍କୃତିର ସମ୍ପାଦକ ରଘୁନାଥ ପାତ୍ର, ତ୍ୟାଗଭୂମିର ସଭାପତି ଅଜୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏକାଡେମୀର ପ୍ରାକ୍ତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ ସ୍ମୃତି ପରିଷଦର ସହ ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀଗଣେଶ ସଂଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେଉତ୍କଳ ଜନନୀ ଓ କାନ୍ତକବିଙ୍କ ରଚିତ ସଂଗୀତ ଗାନ କରାଯାଇଥିବା ବେଳେ ଏହି ଉତ୍ସବରେ ବିଭୂତିଭୂଷଣ ଗୁହାଚାର୍ଯ୍ୟ, ରବି କୁମାର ମହାନ୍ତି, ମୁକୁନ୍ଦଦେବ ନାୟକ କୈଳାସ ବେହେରା, ପୁଷ୍ପାଞ୍ଜଳି ତ୍ରିପାଠୀ, ଅମୂଲ୍ୟ ସେନାପତି, ସୁବ୍ରତ ମିଶ୍ର, ଗୋଲୋକ ପ୍ରସାଦ ବେହେରା, ଦେବେନ୍ଦ୍ର ମହାଳିକ, ସୁଧାକର ଧଳ, ବୈକୁଣ୍ଠନାଥ ଓଝା, ଅଶୁତୋଷ କରଣ, ହରିହର ମଲିକ, ମନୋଜ ପାଣିଗ୍ରାହୀ, ସୁବାସ ମଲିକ,ରୁବିକାନ୍ତ ଦାସ,ସୁବାସ ମହାନ୍ତି, ବସନ୍ତ ଦାସ ପ୍ରମୁଖ ୨୦ ଜଣ କବି ସ୍ୱରଚିତ ଦେଶାମ୍ବୋଧକ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଂଚ ଜୟଶ୍ରୀ ବେହେରା, ସମିତିସଭ୍ୟ ଚିନ୍ତାମଣି ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ମୃତି ପରିଷଦ ପକ୍ଷରୁ ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ



**ଭୁବନେଶ୍ୱର, ୯।୧୨(ସମିସ):** ସୋମବାର କାନ୍ତକବି ସ୍ମୃତି ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ବୁଦ୍ଧମନ୍ଦିରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି । କାନ୍ତସାହିତ୍ୟରେ ଯେଉଁ ମାନବିକତା ଓ ଆଧ୍ୟାତ୍ମିକତାର ରସ ରହିଛି, ତାହାକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିବା ପାଇଁ ଉଦ୍ୟମ ଜାରି ରହୁ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ପରିଷଦର ସଭାପତି ଡ. ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଅବସରପ୍ରାପ୍ତ ପ୍ରଫେସର ମନୋରମା ବିଶ୍ୱାଳ, ବିଶିଷ୍ଟ କଥାକାର ତଥା ଦୈନିକ ''ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର, ଭାରତ ସେବାଶ୍ରମ ସଂଘର ଭୁବନେଶ୍ୱର ଶାଖାର ସମ୍ପାଦକ ସ୍ୱାମୀ ଜଗନ୍ନାଥାନନ୍ଦ ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ବହୁମୁଖୀ ପ୍ରତିଭା ଓ କାନ୍ତ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସକାଳେ ରବୀନ୍ଦ୍ର ମଣ୍ଡପ ନିକଟସ୍ଥ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରାଯାଇଥିଲା । ପ୍ରାରମ୍ଭରେ ଗୁରୁକଲ୍ୟାଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ କବିଙ୍କ ଜ୍ୟେଷ୍ଠା ପୌତ୍ରୀ କାନ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୟନ୍ତୀରେ କାନ୍ତକବିଙ୍କୁ ଶ୍ରଦ୍ଧାସୁମନ



**ଭଦ୍ରକ, ୯ ।୧୨(ସମିସ):** ଓଡ଼ିଶାର ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ' ର ରଚୟିତା ତଥା ଓଡ଼ିଆ ସାହିତ୍ୟ ଜଗତର ମଉଡ଼ମଣି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏକାଧାରରେ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ବ୍ୟଙ୍ଗକାର, ସଙ୍ଗୀତକାର ଓ ସ୍ୱାଧୀନତା ସଂଗ୍ରାମୀ । ଜଟିଳ ବ୍ୟାଧି, ବିଷାଦ, ବ୍ୟର୍ଥତା ଓ ନିଃସଙ୍ଗତା ତାଙ୍କ ଜୀବନର ଚିରସାଥୀ ଥିଲେ ହେଁ କବିପ୍ରାଣରେ ଥିଲା ହାସ୍ୟରସର ସ୍ୱତଃସ୍ଫୂର୍ତ୍ତ ଉତ୍ସ । ତାଙ୍କ ରଚିତ- ସ୍ୱଦେଶୀ, ସ୍ୱରାଜ, ଜୀବନ ସଙ୍ଗୀତ (କବିତା ସଙ୍କଳନ), କଣାମାମୁ (ଉପନ୍ୟାସ), ବୁଢ଼ାଶଙ୍ଖାରୀ(ଗଳ୍ପ), ଡିମ୍ବକ୍ରେସି ସଭା, ହନୁମନ୍ତ ବସ୍ତ୍ରହରଣ, ଚଟକ ଚନ୍ଦ୍ରହାସ ଚମ୍ପୁ (ବ୍ୟଙ୍ଗରଚନା) ଆଦି ଅନେକ ଉଲ୍ଲେଖନୀୟ କୃତି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଆଜି ସକାଳେ ତାଙ୍କ ଜନ୍ମ ଦିବସରେ ସ୍ଥାନୀୟ ସାଳନ୍ଦୀ ବାଇପାସ୍ ଛକରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସେହିଭଳି ପ୍ରାକ୍ତନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତ୍ୟାଗଭୂମି ମହୋତ୍ସବ ମୁଖ୍ୟ ଅଜୟ ନାୟକ, ଇଂ.ଅଭୟ ସୂତାର, ଶିକ୍ଷାବିତ ଉଦୟନାରାୟଣ ମହାପାତ୍ର, ସାମଜସେବୀ ସୁରେଶ ମହାନ୍ତି, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, କାଉନସିଲର ଆଶୀଷ ଅମିତାଭ ମହାପାତ୍ର, ଆଶୀଷ କୁମାର ରାଉତ, ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ, ହିନ୍ଦୁ ସୁରକ୍ଷା ସମିତିର ମାନସ କୁମାର ମହାନ୍ତି, କାଉନସିଲରଙ୍କ ପ୍ରତିନିଧି ପଙ୍କଜ ବଳ, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ଓ କବିଙ୍କ ନାତି ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ । ମାଲ୍ୟାର୍ପଣ ପରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ସେହିଭଳି ଆଜି ପୂର୍ବାହ୍ନରେ ପୌରାଧ୍ୟକ୍ଷା ଗୁଲ୍ଲମକ୍କୀ ଦଲାଓ୍ୱାଜି ହବିବ କାନ୍ତକବିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଉଦ୍‌ଯାପିତ ହେଲା ଶିଶୁ ମହୋତ୍ସବ 'ମହକ'



**ଭଦ୍ରକ, ୯ ।୧୨(ସମିସ):** ଅଲ ଓଡ଼ିଶା ଘରୋଇ ବିଦ୍ୟାଳୟ ମହାସଂଘ ପକ୍ଷରୁ ଶିଶୁ ମହୋତ୍ସବ ମହକ-୨୦୨୪ ଭଦ୍ରକ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି । ଲାୟନ୍ସ କ୍ଲବର ସହଭାଗିତାରେ ୨ଦିନ ଧରି ଏହି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଛି । ଲାୟନ୍ସ କ୍ଲବର ଡିଜି ପ୍ରଲୋଭ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପିଡିଜି ପ୍ରକାଶ କୁମାର ଜେନା ଓ ସେକ୍ରେଟାରୀ ଶୁଭ୍ରକାଶ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଘରୋଇ ବିଦ୍ୟାଳୟ ମହାସଂଘର ସଭାପତି ଅଶୋକ କୁମାର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଘରୋଇ ବିଦ୍ୟାଳୟ ମହାସଂଘର ସମ୍ପାଦକ ପ୍ରହ୍ଲାଦ କର ଓ ଭଦ୍ରକ ବ୍ଲକ ପୂର୍ଣ୍ଣଚନ୍ଦ୍ର ସେନ ପ୍ରମୁଖ ସଭା ପରିଚାଳନା କରିଥିଲେ । ତେବେ ଉଦ୍‌ଯାପନୀ ସଭାରେ ପିଲାଙ୍କ ପ୍ରତିଭାକୁ ପ୍ରଶଂସା କରି ସରକାରୀ ସ୍ତରରେ ହେଉଥିବା ସୁରଭି କାର୍ଯ୍ୟକ୍ରମ ଭଳି ବେସରକାରୀ ସ୍ତରରେ ଲାଇନ୍ସ କ୍ଲବ ସହଯୋଗରେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି । ଦ୍ୱିତୀୟ ତେବେ ସମସ୍ତ କାର୍ଯ୍ୟକ୍ରମରେ ଘରୋଇ ବିଦ୍ୟାଳୟ ସଭାପତି ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରି କାର୍ଯ୍ୟକ୍ରମ ଅୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସରକାରୀ ବିଦ୍ୟାଳୟରେ ଯେପରି ପିଲାଙ୍କ ପାଇଁ ସୁରଭି କାର୍ଯ୍ୟକ୍ରମ କରାଯାଉଛି । ବେସରକରୀ ବିଦ୍ୟାଳୟରେ ଏସବୁ କାର୍ଯ୍ୟକ୍ରମ ହେଉ ନଥିଲା । ଫଳରେ ପିଲାଙ୍କ ପ୍ରତିଭା ସାମ୍ନାକୁ ଆସିପାରୁ ନ ଥିଲା । ତେଣୁ ବେସରକାରୀ ବିଦ୍ୟାଳୟର ପିଲାଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରି ପିଲାଙ୍କ ପ୍ରତିଭାକୁ ସାମ୍ନାକୁ ଆଣିବାର ଏହା ଏକ ପ୍ରୟାସ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ୪୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗ ଦେଇଥିବା ବେଳେ ଦିତୀୟ ଦିନରେ ୪୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ତେବେ ଉତମ କାର୍ଯ୍ୟ ପାଇଁ ୪୫ଟି ବିଦ୍ୟାଳୟକୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି ।

## ଦୃଷ୍ଟିବାଧିତ ଶିକ୍ଷକଙ୍କୁ ମିଳୁନି ବର୍ଦ୍ଧିତ ଦରମା



**ଧାମରା, ୯ ।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଜଣେ ଦୃଷ୍ଟିବାଧିତ ଶିକ୍ଷକଙ୍କୁ ମିଳୁନାହିଁ ବର୍ଦ୍ଧିତ ଦରମା । ଏ ସମ୍ପର୍କରେ ଶିକ୍ଷକ ଜଣଙ୍କ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ସେହି ଶିକ୍ଷକ ହେଉଛନ୍ତି ରାଜେନ୍ଦ୍ର ପ୍ରସାଦ ବେହେରା । ସେ ଚାନ୍ଦବାଲି ବ୍ଲକ ବାଁଶଡା ପଞ୍ଚାୟତ ତେନ୍ତୁଲିଆଡିଆ ଅପର ପ୍ରାଇମେରୀ ସ୍କୁଲର କାର୍ଯ୍ୟରତ । ସେଠାରେ ବରିଷ୍ଠ ଶିକ୍ଷକ କେହି ନ ଥିବାରୁ ସେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୁପେ କାର୍ଯ୍ୟ କରୁଛନ୍ତି । ୨୦୧୧ ମସିହା ନଭେମ୍ବର ପହିଲାରୁ ୨୦୨୩ ମସିହା ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ସେ ଏମଏସିପି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହାକୁ ଭିତ୍ତିକରି ତାଙ୍କର ମାସିକ ଦରମା ବଢିବାର ନିୟମ ରହିଛି । ସେ ଏହାର ଉପଯୁକ୍ତ ନ୍ୟାୟ ପାଉ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଏହି ଶିକ୍ଷକ ୨୧ ମାସର ବର୍ଦ୍ଧିତ ଦରମା ୨୫ ହଜାର ଟଙ୍କା ପାଇପାରି ନାହାଁନ୍ତି । ଏହି ବିଷୟରେ ସେ ସେପ୍ଟେମ୍ବର ମାସରେ ଭଦ୍ରକ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ଏହି ବର୍ଦ୍ଧିତ ବକେୟା ଦରମା ପାଇବାକୁ ସେ ଚାନ୍ଦବାଲି ବିଇଓଙ୍କ କାର୍ଯ୍ୟାଳୟକୁ ଅନେକ ଥର ଗଲେଣି । ଏହି ଦୃଷ୍ଟିବାଧିତ ଶିକ୍ଷକଙ୍କ ଦୁଃଖ ବୁଝିବାକୁ କାହାରି ଆନ୍ତରିକତା ନ ଥିବା ଶିକ୍ଷକ ରାଜେନ୍ଦ୍ର ବେହେରା କହିଛନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦବୀରୁ ସେ ଅବ୍ୟାହତ ନେବାକୁ ଜିଲ୍ଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଚାନ୍ଦବାଲି ବିଇଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ବାବାମଣିଙ୍କ ମନ୍ଦିରରେ ଗୀତାଯଜ୍ଞ



**ଆରଡ଼ି, ୯ ।୧୨(ସମିସ):** ଆରଡ଼ିପୀଠର ଅଧିଶ୍ୱର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସୋମବାରଠାରୁ ସପ୍ତଦିନ ବ୍ୟାପୀ ଗୀତାଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ମଣିବାବାଙ୍କ ମନ୍ଦିରର ଦୈନନ୍ଦିନ ନୀତିନୀର୍ଘଣ୍ଟ ଅନୁଯାୟୀ ଭୋର ୪.୩୦ରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ମହାସ୍ନାନ, ଘର୍ଷଣଲାଗି ସମ୍ପନ୍ନ ହେବା ପରେ ନବବସ୍ତ୍ର , ଫୁଲ, ଚନ୍ଦନ ବେଲପତ୍ର ଲାଗି କରାଯାଇ ଦିଗମ୍ବର ବେଶରେ ସଜ୍ଜିତ କରାଯାଇଥିଲା । ପରେ ଗୀତାଯଜ୍ଞ ନିମନ୍ତେ ସେବାୟତଙ୍କ ଦ୍ୱାରା ଘଣ୍ଟା, କୀର୍ତ୍ତନ, ଛତ୍ର ଆଲଟ ଦ୍ୱାରା ଶିବଗଙ୍ଗା ପୁଷ୍କରିଣୀରେ ଘଟ ଉତ୍ତୋଳନ କରାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା । ପରେ ରୁଦ୍ରାଭିଷେକ, ଦ୍ୱାରପାଳ ପୂଜା, ଗୋ ପୂଜା, ସୂର୍ଯ୍ୟ ପୂଜା ଆଦି ମଧ୍ୟହ୍ନ ସୁଧା ସମ୍ପନ୍ନ ହେବା ପରେ ଯଜ୍ଞମଣ୍ଡପକୁ ସୋଧନ କରାଯାଇ ଶ୍ରୀମଦ ଭଗବତ ଗୀତାର ପ୍ରତି ଶ୍ଳୋକରେ ଘୃତ ଆହୁତି ପ୍ରଦାନ କରାଯାଇଥିଲା । ଏହି ଯଜ୍ଞ ଆସନ୍ତା ରବିବାର ମାର୍ଗଶୀର ପୂର୍ଣ୍ଣିମା ଦିନ ସମାପନ ହେବ ।

## ଜଣେ ଫାର୍ମାସିଷ୍ଟଙ୍କ ଚାଲିଛି ସ୍ୱାସ୍ଥ୍ୟସେବା

**ଅସୁରାଳି, ୯ ।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କଟସାହି ପଞ୍ଚାୟତର ସହିଦ୍‌ନଗର ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଫାର୍ମାସିଷ୍ଟଙ୍କ ହାତରେ ସ୍ୱାସ୍ଥ୍ୟସେବା ଚାଲିଛି । ଜଣେ ଏଲୋପାଥି ଡାକ୍ତର, ଫାର୍ମାସିଷ୍ଟ ଆଉ ଜଣେ ଆଟେଣ୍ଡାନ୍ଟରେ ଚାଲିଛି ଡାକ୍ତରଖାନା । ତେବେ ଡାକ୍ତର ଅଭାବରୁ ରାତ୍ରିକାଳୀନ ସେବା ବନ୍ଦ ହୋଇଯାଇଛି । ସହିଦ୍ ନଗରଠାରେ ଥିବା ଆଞ୍ଚଳିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଟସାହି, ମଙ୍ଗଳପୁର, ଅସୁରାଳି ଆଦି ଅଞ୍ଚଳର ବହୁ ଲୋକେ ନିର୍ଭର କରିଥାନ୍ତି । ଦୁର୍ଘଟଣା ଜନିତ ତୁରନ୍ତ ପ୍ରାଥମିକ ଚିକିତ୍ସା ପାଇଁ ଯାତ୍ରୀମାନେ ନିର୍ଭର କରନ୍ତି ଏହି ଡାକ୍ତରଖାନା ଉପରେ । ଡାକ୍ତରଖାନାରେ ଦୀର୍ଘ ଦିନ ହେଲା ଡାକ୍ତର ସମସ୍ୟା ଏକ ପ୍ରମୁଖ ସମସ୍ୟା ହୋଇ ରହି ଆସିଛି । ଡାକ୍ତରମାନଙ୍କର ଦେଖା ମିଳୁନାହିଁ । ଜଣେ ଫାର୍ମାସିଷ୍ଟ କେବଳ ସମସ୍ତ ରୋଗୀଙ୍କୁ ଦେଖୁଥାନ୍ତି । କିନ୍ତୁ ରାତ୍ରି ସମୟରେ ଏହି ଚିକିତ୍ସାଳୟରେ କେହି ରହୁନାହାନ୍ତି । ଜଣେ ଏଲୋପାଥି ଚିକିତ୍ସକ ସପ୍ତାହକୁ କେବଳ ୨ ଦିନ ଆସୁଥିଲା ବେଳେ ଆଉ ଜଣେ ଆଟେଣ୍ଡାଣ୍ଟ ରୋଗୀ ଦେଖନ୍ତି । ଏଠାରୁ ଜିଲ୍ଲା ଚିକିତ୍ସାଳୟ ମଧ୍ୟ ବହୁତ୍ ଦୂର । ତା'ଛଡା ତଳିଆ ଆଞ୍ଚଳରେ ଗମନା ଗମନ ଅସୁବିଧା ଦୃଷ୍ଟିରୁ ଧାମନଗର କିମ୍ବା ଭଦ୍ରକରୁ ତୁରନ୍ତ ରୋଗୀ ପହଞ୍ଚାଇବା ସମ୍ଭବ ନୁହେଁ । ଯାହା ଫଳରେ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡନ୍ତି । ରାତ୍ରୀକାଳୀନ ସମୟରେ ଜରୁରୀ କାଳୀନ ସେବା ଏଠାରେ ମିଳିପାରୁନି । ତୁରନ୍ତ ଏଠାରେ ସ୍ଥାୟୀ ଡାକ୍ତର ସହ ରାତ୍ରୀକାଳୀନ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି ହୋଇଛି ।

## ମଦ ଜବତ, ଜଣେ ଗିରଫ

**ବାରିକପୁର, ୯।୧୨(ସମିସ):** ଧାମନଗର ଅବକାରୀ ଥାନା ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ଛତାବର ଠାରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି । ଅବକାରୀ ଥାନା ଅଧିକାରୀ ଅଭିଳାଷ ପାଲଙ୍କ ନେତୃତ୍ୱରେ କର୍ମଚାରୀମାନେ ଏକ ବାଇକ୍‌କୁ ପିଛା କରି ସେଥିରେ ପରିବହନ ହେଉଥିବା ମଦକୁ ଜବତ କରିଥିଲେ । ଏହାଛଡା ମଦ ନେଇ ଯାଉଥିବା ମଞ୍ଜୁରୀ ରୋଡ ଅଞ୍ଚଳର ଜୈନିକ ନିଶା ବେପାରୀଙ୍କୁ ଗିରଫ କରିଥିଲେ । ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି । ପ୍ରାୟ ୨୦ ଲିଟରରୁ ଅଧିକ ମଦ ଜବତ ହୋଇଥିବା ଜଣାପଡିଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ରୀଡ଼ା ଉତ୍ସବ

**ଅସୁରାଳି, ୯।୧୨(ସମିସ):** ଧାମନଗର ବ୍ଲକ୍ ଧୂଷୁରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ବାର୍ଷିକ କ୍ରୀଡା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉଦ୍‌ଘାଟନ ସଭାରେ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟ ସାଆଁଳପୁରର ପୂର୍ବତନ ଅଧ୍ୟକ୍ଷ ଡ. ରାଜକିଶୋର ନାୟକ, ମୁଖ୍ୟବକ୍ତା ରୂପେ ଧୂଷୁରୀର ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଓ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ଧୂଷୁରୀର ପୂର୍ବତନ ସରପଞ୍ଚ ରୁକ୍ମଣୀ ଗୁପ୍ତା ଯୋଗ ଦେଇଥିଲେ । ସମ୍ପାଦକ ରାମମୋହନ ଗୁପ୍ତା ଓ ବିଦୁତ୍ ପରିଷଦର ସମ୍ପାଦକ ସତ୍ୟବ୍ରତ ମିଶ୍ର ଓ ଉପଦେଷ୍ଟା କାହ୍ନୁଚରଣ ପଣ୍ଡା ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ରମାପଦ ରଣା ଅତିଥି ମାନଙ୍କର ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଗୁରୁମା କଳ୍ପନା ଦେବତା ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବର୍ଗ, ବାଲ୍ ବର୍ଗ, ଶିଶୁ ବର୍ଗ ବିଭାଗରେ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା । ଦମୟନ୍ତୀ ସାହୁ, ସରୋଜିନୀ ଯେନା, ରଶ୍ମିତା ସାହୁ, ରାଧସ୍ମିତା ମୁଦୁଲି, ରଶ୍ମିତା ବେହେରା , ପିଙ୍କିରାଣୀ ମାଝୀ, ଶୁଭସ୍ମିତା ପାଗଳ, ସେବିକା ମାମିନା ମହାପାତ୍ର ଓ ସୁମତି ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ ।

## ଧାମନଗରରେ ୩୫ ହଜାର ସୁଭଦ୍ରା ହିତାଧିକାରୀ

**ଧାମନଗର, ୯।୧୨(ସମିସ):** ରାଜ୍ୟ ସରକାରଙ୍କ ମହିଳା ସଶକ୍ତି କରଣ ବିଭାଗ ତଥ୍ୟ ଅନୁସାରେ ଧାମନଗର ବ୍ଲକରେ ୯ ଡିସେମ୍ବର ୨୦୨୪ ସୁଦ୍ଧା ସୁଭଦ୍ରା ଯୋଜନାରେ ମୋଟ ୪୯,୫୬୧ ଜଣ ଆବେଦନ କରିଥିବା ବେଳେ ୩୫,୦୮୨ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ପାଞ୍ଚ ହଜାର ଲେଖାଏଁ ଟଙ୍କା ପୈଠ କରାଯାଇଛି । ସେହିପରି ୪୮୫ ଜଣ ଆବେଦନକାରୀଙ୍କ ଫର୍ମ ନାକଚ ହୋଇଥିବା ବେଳେ ଗୋଟିଏ ବି ପେମେଣ୍ଟ ଫେଲ ହୋଇନାହିଁ । ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟକୁ ୧୩୭୮ ଜଣ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଟଙ୍କା ପାଇନଥିବା ଅନ୍ୟ ୧୨,୬୧୬ ଜଣ ଆବେଦନକାରୀଙ୍କ ମଧ୍ୟରୁ ୭୨୭୭ ଜଣଙ୍କର ପଞ୍ଚାୟତ ସ୍ତରରେ କେଓ୍ୱାଇସି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୫୩୩୯ ଜଣଙ୍କର କେଓ୍ୱାଇସି ଏନକ୍ୱାରୀ ଚାଲିଛି ବୋଲି ମହିଳା ସଶକ୍ତିକରଣ ବିଭାଗ ସୂତ୍ରରୁ ଜଣା ଜଣାପଡ଼ିଛି ।

## କେନାଲ ଭର୍ତ୍ତି ପାଣିକୁ ନେଇ ଆଶଙ୍କାରେ ଚାଷୀ



**ବନ୍ତ/ଆଗରପଡ଼ା, ୯।୧୨(ସମିସ):** ପାଗର ଅନିଶ୍ଚିତତାକୁ ଦେଖି ଧାନ କ୍ଷେତରେ ପଡ଼ିଥିବା ପାଚିଲା ଧାନକୁ ନେଇ ଚାଷୀଙ୍କ ମନରେ ଛନକା ପଶିଥିବା ବେଳେ ଏହି ସମୟରେ ବୋଝ ଉପରେ ନଳିତା ବିଡ଼ା ପରି କେନାଲ ପାଣି ଚାଷୀଙ୍କୁ ଅଧିକ ସମସ୍ୟାରେ ପକାଇଛି । ଶନିବାର ଠାରୁ ବିଦ୍ୟାଧରପୁର ଡ୍ୟାମରୁ ହାଟଡିହୀ ଓ ବନ୍ତ ଦେଇ ଶାଳଣିଆ ଯାଇଥିବା କେନାଲରେ ଜଳସେଚନ ବିଭାଗରୁ ପାଣି ଛଡ଼ାଯାଇଛି । ଅପରପକ୍ଷରେ ଉକ୍ତ କେନାଲର ମରେଇଗାଁ ଠାରୁ ଗଭରପୁର ପର୍ଯ୍ୟନ୍ତ ବନ୍ଧ ନିର୍ମାଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଚାଷ କ୍ଷେତକୁ ସଂଯୋଗ ପାଇଁ ନିର୍ମାଣ ହୋଇଥିବା ସାଇଫନ୍ ଓ ଶାଖା କେନାଲରେ ଜଳ ଅଟକାଇବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ନଥିବାରୁ କେନାଲରେ ଆସୁଥିବା ପାଣି ପାଚିଲା ଧାନ କିଆରିକୁ ପଶୁଛି । ଫଳରେ ଧାନ କ୍ଷେତ ଓଦା ଥିବାରୁ କେନାଲ ପାଣି ପଶି ପାଚିଲା ଧାନକୁ ଅଧିକ କ୍ଷତି କରିବାର ସମ୍ଭାବନାକୁ ନେଇ ଚାଷୀମାନେ ଅଭିଯୋଗ କରୁଛନ୍ତି । କେନାଲ ବନ୍ଧକୁ ଠିକ୍ ଭାବେ ନିର୍ମାଣ ନକରି ଅସମୟରେ ଅଦିନିଆ ଜଳ ପ୍ରବାହକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି । ଚାଷୀ ବହୁ ଶ୍ରମ ଓ ଅର୍ଥ ବ୍ୟୟକରି ଉତ୍ପାଦନ କରିଥିବା ଧାନ ଖଳାକୁ ନଆସି ବିଲରେ ପକାଇ ଥିବାରୁ ଶହଶହ ଚାଷୀଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି । କିଛି ଚାଷୀ ନିଜ ଧାନ କ୍ଷେତରୁ ପାଚିଲା ଧାନକୁ କାଟି ସେଠାରେ ପକାଇଥିବାରୁ କେନାଲ ପାଣି ସାମାନ୍ୟ ପଶିଲେ ତାହା ଗଜା ହେବାର ଆଶଙ୍କା ଦେଖାଯାଇଛି । ଚଳିତ ବର୍ଷ ଚାଷ ସମୟରେ ରୋଗପୋକର ପ୍ରାଦୁର୍ଭାବ ସାଙ୍ଗକୁ ବହୁ ଶ୍ରମ ଓ ଖର୍ଚ୍ଚାନ୍ତ ହୋଇ ଫସଲକୁ ଚାଷୀ ବଞ୍ଚାଇଥିବା ବେଳେ ବର୍ତ୍ତମାନ କେନାଲରେ ଆସୁଥିବା ପାଣି ବିଲରେ ପସି ଫସଲକୁ ହାନି କରିବା ଆଶଙ୍କା ଉପୁଜିଛି । ତେଣୁ ଅଧପନ୍ତରିଆ କେନାଲରେ ପାଣି ଛାଡ଼ି ଚାଷୀଙ୍କ ଫସଲକୁ ନଷ୍ଟ କରିବା ଅପେକ୍ଷା ବିଭାଗ ପକ୍ଷରୁ ଅମଳ ସମୟରେ କେନାଲରେ ପାଣି ଛାଡ଼ିବା ବନ୍ଦ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି ।

**ମଧ୍ୟାହ୍ନ ଭୋଜନରେ ଦହଗଞ୍ଜ ପ୍ରଧାନଶିକ୍ଷକ**

## ଦିନକୁ ଦିନ ଚୁଲିକୁ ଗଲାଣି ପାଠପଢ଼ା



**ବନ୍ତ/ଆଗରପଡ଼ା, ୯।୧୨ (ସମିସ):** ଛାତ୍ର ଉପସ୍ଥାନ ବୃଦ୍ଧି, ଅଧାରୁ ପାଠପଢ଼ା ଛାଡୁଥିବା ବିଦ୍ୟାର୍ଥୀଙ୍କୁ ରୋକିବା ତଥା ଅପପୁଷ୍ଟି ଦୂର ପାଇଁ ସରକାର ମଧ୍ୟାହ୍ନ ଭୋଜନ ଯୋଜନା ଲାଗୁ କରିଥିଲେ । ହେଲେ ଏହି ଯୋଜନା ଏବେ ଦିଗହରା ହେବାକୁ ବସିଲାଣି । ଏହାକୁ ନେଇ ଶିକ୍ଷକମାନେ ଦିନକୁ ଦିନ ସମସ୍ୟା ଜାଲରେ ଛନ୍ଦି ହେଉଛନ୍ତି । ଦିନ ପ୍ରାୟ ୧୧ଟା ସୁଦ୍ଧା କେତେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଛନ୍ତି ସେମାନଙ୍କ ତାଲିକା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷାବିଭାଗକୁ ଅବଗତ କରିବାର ବିଧି ରହିଛି । କିଛି ବିଦ୍ୟାଳୟରେ ଏହି ନିୟମକୁ ଉଲ୍ଲଙ୍ଘନ କରାଯାଉଛି । ନେଟ୍‌ଓ୍ୱର୍କ ସମସ୍ୟା ଆଳ କରି କିଛି ଶିକ୍ଷକ ଖସିଯିବା ପାଇଁ ଚିନ୍ତା କରୁଥିବା ବେଳେ କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଷ୍ଠାପର ସହ ଦାୟିତ୍ୱ ପାଳନ କରି ୧୧ଟା ପୂର୍ବରୁ ମଧ ମେସେଜ ଦେଉଛନ୍ତି । ଏସବୁ ଭିତରେ ଯେଉଁଠି ଅଳ୍ପ ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଚାଲୁଛି ସେଠାରେ ପ୍ରଧାନଶିକ୍ଷକ ନିଜ ପକେଟରୁ ପ୍ରତିମାସରେ କିଛି ଅର୍ଥ ହାତରୁ ଗଣିବା ପାଇଁ ବାଧ ମଧ୍ୟ ହେଉଛନ୍ତି । ବଜାର ଦର ଅନୁଯାୟୀ ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ବିଦ୍ୟାଳୟକୁ ସରକାର ଦେଉନାହାନ୍ତି । ଆଉ କିଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ରହିଛି । ସେମାନଙ୍କ ଉପସ୍ଥାନ ଦର୍ଶାଇ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁଛନ୍ତି ବୋଲି ଦର୍ଶାଯାଇ କିଛି ଶିକ୍ଷକ ବେନିୟମ କାର୍ଯ୍ୟ କରୁଥିବା ମଧ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି । ଯେଉଁଠି ଶିକ୍ଷକ ଅଭାବ ସେଠି ଜଣେ ଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇ ଚଳାଇବା ଦ୍ୱାରା ପାଠପଢ଼ା ମଧ ବ୍ୟାହତ ହେଉଛି । ଅନ୍ୟ କେତେକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ରୋଷେଇ ଦାୟିତ୍ୱ ନେଇଥିବା ମହିଳା ଗୋଷ୍ଠୀ ମଧ୍ୟରେ ସମୟ ଅଭାବରୁ ବିଦ୍ୟାଳୟରେ ସମସ୍ୟା ଦେଖାଗଲାଣି । ଠିକ ସମୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନ କଲେ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ପାଖରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ସୋମବାର ଓ ଗୁରୁବାର ଭାତ ଓ ଡାଲମା, ମଙ୍ଗଳବାର ଓ ଶୁକ୍ରବାର ସୋୟାବଡ଼ି, ବୁଧବାର ଓ ଶନିବାର ଅଣ୍ଡା ତରକାରୀ ହେବା ନେଇ ଶିକ୍ଷା ବିଭାଗର ନିର୍ଦ୍ଦେଶ ରହିଛି । ଚାଉଳକୁ ବାଦ ଦେଇ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଦିନକୁ ୫.୯୦ ଟଙ୍କା ଓ ଷଷ୍ଠରୁ ଅଷ୍ଟମଶ୍ରେଣୀ ପିଲାଙ୍କ ପାଇଁ ଦିନକୁ ୮.୮୨ ଟଙ୍କା ସରକାର ପୂର୍ବରୁ ବ୍ୟବସ୍ଥା କରିଥିଲେ । ଏବେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଦିନକୁ ୧.୭୪ ଟଙ୍କା ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଦିନକୁ ୨.୧୨ ଟଙ୍କା ଲେଖାଏଁ ବଢ଼ାଇଛନ୍ତି ସରକାର । ତେବେ ଏହି ଟଙ୍କାରେ ଭଲ ଖାଦ୍ୟ ଯୋଗାଇବା ସମ୍ଭବ ହୋଇପାରୁନି । ଦରଦାମ ବୃଦ୍ଧିରେ ଖାଉଟି ତ୍ରାହି ତ୍ରାହି ଡାକୁଥିବା ବେଳେ ବିଦ୍ୟାଳୟର ଶିକ୍ଷକମାନେ ଏହି ଜାଲରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି । ତେବେ ଶିକ୍ଷା ବିଭାଗର ଅଧିକାରୀମାନେ ମଧ୍ୟାହ୍ନ ଭୋଜନ ଭଳି ଏକ ବ୍ୟବସ୍ଥାକୁ ଅଲଗା କରିବା ପାଇଁ ଅର୍ଥାତ ଶିକ୍ଷକମାନଙ୍କୁ ଏଥିରୁ ଦାୟିତ୍ୱମୁକ୍ତ କରିବା ପାଇଁ ବାରମ୍ବାର ଶିକ୍ଷକ ସଂଘ ଦାବି କରି ଆସିଛି ।

# ମହିଳା ଓ ଶିଶୁ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର




ଭଦ୍ରକ, ୯ ।୧୨(ସମିସ): ଜିଲ୍ଲା ପ୍ରଶାସନ ଓ ସୋସାଇଟ୍ ଫର ଉଇକର କମ୍ୟୁନିଟ୍ (ଆସିଆନା)ର ମିଳିତ ଆନୁକୂଲ୍ୟରେ ଭଦ୍ରକ ପୌରପରିଷଦ ସଭାଗୃହ ପରିସରରେ ଆୟୋଜିତ ମହିଳା ଓ ଶିଶୁ ନିର୍ଯାତନା ଏବଂ ଅପରାଧରୁ ସୁରକ୍ଷା ଶୀର୍ଷକ ଆଲୋଚନା ପୌରପରିଷଦର ଅଧ୍ୟକ୍ଷା ଗୁଲମଖି ଦଲୱାଜି ହବିବ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୬ ଦିନିଆ ଲିଙ୍ଗ ଭିତ୍ତିକ ହିଂସା ସଚେତନତା କାର୍ଯ୍ୟକ୍ରମରେ ମହିଳା ହିଂସା, ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ନିମନ୍ତେ ପଦକ୍ଷେପ ଏବଂ ପରିବାର, ସାମାଜିକ ଗୋଷ୍ଠୀର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ୍, ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଆସିୟାନାର ସଂପାଦିକା ସୋଫିଆ ସେକ୍, ମ୍ୟୁନିସପାଲିଟ୍‌ର ଯନ୍ତ୍ରୀ ପ୍ରହ୍ଲାଦ ମହାପାତ୍ର ପ୍ରମୁଖ ଯୋଗଦାନ କରି ବିଭିନ୍ନ ଆଇନ, କର୍ଯ୍ୟକ୍ରମ ଏବଂ ସହଭାଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ପୌରପରିଷଦର କାଉନ୍‌ସିଲର, ମହିଳାଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟା ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସିୟାନାର ସଂଯୋଜକ ରିଆଜ ଅହମ୍ମଦ୍ ପରିଚାଳନା କରିଥିବା ବେଳେ କର୍ମକର୍ତ୍ତା ଜନ୍ମଜ୍ୟୋତି ବେହେରା, ଶକ୍ତି ସଦନର ବହୁମୁଖୀ କର୍ମକର୍ତ୍ତା ରୁବିନା ନାୟକ ସହଯୋଗ କରିଥିଲେ । ପରିଶେଷରେ ସଂଯୋଜକ ଅହମ୍ମଦ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାନ୍ଦବାଲିରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୯ ।୧୨(ସମିସ)



ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଚାନ୍ଦବାଲି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତ୍‌ରାୟ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୮୨ଟି ଅଭିଯୋଗ ଶୁଣିଥିଲେ । ସେଗୁଡିକ ମଧ୍ୟରେ ୧୪୩ଟି ବ୍ୟକ୍ତିଗତ, ୩୯ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗଥିଲା । ୪ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା । ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଅଭିଯୋଗ ଶୁଣିବାରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଚାନ୍ଦବାଲି ବିଡିଓ ଅସିତ୍ କୁମାର ମହାନ୍ତି ଏହି ଶିବିରଆୟୋଜନ ଓ ପରିଚାଳନାରେ ଆନୁଷଙ୍ଗିକ ସହଯୋଗ କରିଥିଲେ । ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନାରେ ୨ ଜଣ ସ୍ୱାମୀ ପରିତ୍ୟକ୍ତା, ୫ ଜଣ ବିଧବା, ୨ ଜଣ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଜଣଙ୍କୁ ଧଳାବାଡି, ଜଣଙ୍କୁ କ୍ରଚ୍, ୩ ଜଣ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଠାରେ ଆଗତ ହୋଇଥିବା ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

## ବିଜ୍ଞାନମେଳା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ

ବାରିକପୁର, ୯।୧୨(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆଜି ବିଜ୍ଞାନମେଳା ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଛି । ବ୍ଲକସ୍ତରୀୟ ବିଜ୍ଞାନମେଳାରେ ଶ୍ରେଷ୍ଠ ୭ଗୋଟି ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଛି । ତେଣୁ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ସଂଯୋଜନା କରିଥିବା ବିଦ୍ୟାର୍ଥୀ ମଧୁସ୍ମିତା ବେହେରା, ହରପ୍ରିୟା ସ୍ୱାଇଁ, ଲିପ୍ସା ମହାପାତ୍ର, ଲିପା ଜେନା, ବିଶ୍ୱଜିତ ପରିଡ଼ା, ବୈଶାଖି ସୂତାର, ରଜତ କୁମାର ଜେନାଙ୍କୁ ବିଇଓ ଅଧିର କୁମାର ତରାଇ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଛନ୍ତି । ଏଥିରେ ଏବିଓ ଉମେଶ ଚନ୍ଦ୍ର ଜେନା, ଶିକ୍ଷକ ସତ୍ୟରଞ୍ଜନ ସାମଲ, ଅର୍ଚ୍ଚନା ସ୍ୱାଇଁ, ବର୍ଣ୍ଣାନୀ ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କୁରାଳପଞ୍ଚମୀରେ ଚକ୍ରାଧାରୀ ପୂଜା

ବନ୍ତ/ଆଗରପଡ଼ା, ୯।୧୨(ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମ କୁମ୍ଭାରସାହିରେ କୁରାଳ ପଞ୍ଚମୀରେ ଚକ୍ରାଧାରି ପୂଜା ୭ ଦିନ ଧରି ଅନୁଷ୍ଠିତ ହେଉଛି । ନିକଟସ୍ଥ କପାଳୀ ନଈରେ ୫ ଗୋଟି ଘଟ ଉତ୍ତୋଳନ କରାଯାଇ ଗ୍ରାମ



ବଜାର ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । କର୍ତ୍ତା ନାରାୟଣଚନ୍ଦ୍ର ରଣା, ଭଗବାନ ରଣା, ବିରେନ୍ଦ୍ର ରଣା, ନରେଶ ରଣା, ଗଙ୍ଗାଧର ରଣା କାର୍ଯ୍ୟ ତୁଲାଇଥିବା ବେଳେ ପୂଜାରୀ ସଦାନନ୍ଦ ପଣ୍ଡା ବିଧି ଅନୁସାରେ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି ପୂଜା ପ୍ରାୟ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ପ୍ରଥମେ କାଙ୍ଗାଳି ରଣା ଏହି ପୂଜାକୁ ଆରମ୍ଭ କରିଥିଲେ । ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ଅମର କୁମାର ରଣା, ବାସୁଦେବ ରଣା, ଭାଗିରଥି ରଣା, ସୋମନାଥ ରଣା, ସୁବାଷ ରଣା, ନାରାୟଣ ରଣା, ମଳୟ ରଣା, ଖଗେଶ୍ୱର ରଣା, ବଳରାମ ରଣା, ମନୋଜ ରଣା ପ୍ରମୁଖ ସହଯୋଗ କରୁଥିବା ଜଣାପଡ଼ିଛି ।

## ଆଇନଜୀବୀଙ୍କ ବିୟୋଗରେ ସ୍ମୃତିସଭା



ବନ୍ତ/ଆଗରପଡ଼ା, ୯।୧୨(ସମିସ): ବରିଷ୍ଠ ଅଧିବକ୍ତା ନିରାକାର ଜେନାଙ୍କ ବିୟୋଗରେ ସ୍ମୃତିଚାରଣ ସଭା ବନ୍ତ ତହସିଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ୍ତ ଅଞ୍ଚଳର ଆଇନଜୀବୀ, ଭେଣ୍ଡର ଓ ମୋହରଙ୍କ ପକ୍ଷରୁ ଅନୁଷ୍ଠିତ ସ୍ମୃତିସଭାରେ ଆଇନଜୀବୀ ମାଧବାନନ୍ଦ ଦାସଙ୍କ ସଭାପତିତ୍ୱ କରିଥିଲେ । ଏଥିରେ ଅଣାକାର ମଲ୍ଲିକ, ସଂଗ୍ରାମ ଜେନା, ପରମେଶ୍ୱର ବାରିକ, ସତ୍ୟରଞ୍ଜନ ଜେନା, ପ୍ରତାପ ସେଠୀ, ନକୁଳ ଭାଟରାୟ, ଜ୍ଞାନଦା କରଶର୍ମା, ଜଗନ୍ନାଥ ପଣ୍ଡା, ଶଶାଙ୍କଶେଖର ବାରିକ, ରବୀନ୍ଦ୍ର ନାଥ ଓଝା, ବିକ୍ରମାଦିତ୍ୟ ନାୟକ, ବରିଷ୍ଠ ଭେଣ୍ଡର କାହ୍ନୁ ଚରଣ ବାରିକ, ଫକିର ଚରଣ ଲେଙ୍କା, ଅଭିମନ୍ୟୁ ସେଠୀ, କର୍ମଚାରୀ ପ୍ରତାପ ଚନ୍ଦ୍ର ସାହୁ, ମୋହରୀ ଅଭିରାମ ବାରିକ, ରାମଚନ୍ଦ୍ର ଲେଙ୍କା, ଜୟନ୍ତ ଜେନା, ରଞ୍ଜନ ପଣ୍ଡା, ଭାଗୀରଥି ବେହେରା, ଦୟାନିଧି ସାହୁ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# ସର୍ବସାଧାରଣ ସ୍ଥାନରୁ ମଦ ଦୋକାନ ସ୍ଥାନାନ୍ତର ଦାବି

ଭଦ୍ରକ, ୯ ।୧୨(ସମିସ): ମନ୍ଦିର, ଜନଗହଳି ଓ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିବା ଡାକ ବିଭାଗ ତଥା ବ୍ୟାଙ୍କ ନିକଟରେ ଥିବା ମଦ ଦୋକାନକୁ ସ୍ଥାନାନ୍ତରଣ କରିବାକୁ ଅଞ୍ଚଳବାସୀ ଦୀର୍ଘ ୨ବର୍ଷ ହେବ ଭଦ୍ରକ ଜିଲ୍ଲାପାଳ ଓ ଅବକାରୀ ବିଭାଗ ନିକଟରେ ଦାବି କରିଆସୁଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନାହିଁ । ଫଳରେ ଏ ନେଇ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ବାଂଶଡ଼ା ଥାନା ଅର୍ନ୍ତଗତ ଘଣ୍ଟେଶ୍ୱର ବଜାର ଠାରେ ଥିବା ସବ ପୋଷ୍ଟଅଫିସ, ୟୁକୋ ବ୍ୟାଙ୍କ ଏବଂ ସାଇ ମନ୍ଦିର ନିକଟରେ ଦୀର୍ଘ ୨ବର୍ଷ ହେବ ଏକ ଠିପି ବନ୍ଦ ମଦ ଦୋକାନ ଖୋଲାଯାଇଛି । ସରକାର ଏହି ଭଳି ଜନବସତି ସ୍ଥାନରେ କୌଣସି ପରିସ୍ଥିତିରେ ମଦ ଦୋକାନ ଖୋଲା ଯାଇପାରିବନାହିଁ ବୋଲି ନିୟମ ପ୍ରଣୟନ କରିଥିବା ବେଳେ କିଭଳି ସବୁ ନିୟମକୁ ଜଳାଞ୍ଜଳି ଦେଇ ଅବକାରୀ ବିଭାଗ ଏହି ସ୍ଥାନରେ ଖୋଲିବାକୁ ଅନୁମତି ଦେଲା ତାହାର ବିଦ୍ଧିବଦ୍ଧ ତଦନ୍ତ କରିବାକୁ ଅଞ୍ଚଳବାସୀ ନିଜର ଦାବି ଜଣାଇଛନ୍ତି । ଏହି ବିଦେଶୀ ମଦ ଦୋକାନରୁ ମଦ ନେଇ ସେହି ସ୍ଥାନରେ ମଦପାନ କରୁଥିବା ବେଳେ ସେହି ଦୋକାନ ପାଖରେ ଥିବା ସବପୋଷ୍ଟ ଅଫିସ, ୟୁକୋ ବ୍ୟାଙ୍କ ଏବଂ ସାଇ ମନ୍ଦିରକୁ ଯିବାକୁ ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁନାହାନ୍ତି ।



ଅନ୍ୟ ପକ୍ଷରେ ଏହି ରାସ୍ତା ଦେଇ କୁଳିଆଡିଆ ତଥା ଘଣ୍ଟେଶ୍ୱର ଅଞ୍ଚଳର ଛାତ୍ରଛାତ୍ରୀ ଯାତାୟତ କରିବାକୁ ମଧ୍ୟ ସୁରକ୍ଷିତ ମନେ କରୁନାହାନ୍ତି । ଏ ନେଇ ଭଦ୍ରକ ଜିଲ୍ଲାର ପୂର୍ବତନ ଅବକାରୀ ଅଧୀକ୍ଷକଙ୍କୁ ସ୍ଥାନୀୟ ଜନସାଧାରଣ ଭେଟି ଏହି ମଦ ଦୋକାନ ସ୍ଥାନାନ୍ତରିତ କରିବାକୁ ନିଜର ଦାବି ଜଣାଇଥିଲେ । ମାତ୍ର ଅବକାରୀ ଅଧୀକ୍ଷକ ଏହି ଦୋକାନ ସ୍ଥାନାନ୍ତର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଅନ୍ୟ ପକ୍ଷରେ ଏହି ଦୋକାନ ସ୍ଥାନାନ୍ତରିତ କରିବାକୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏ ବିଷୟରେ ଗୃହ କମିଟିକୁ ତଦନ୍ତ କରିବାକୁ ସୁପାରିସ ମଧ୍ୟ କରିଛନ୍ତି । ତୁରନ୍ତ ଏହି ମଦ ଦୋକାନ ସ୍ଥାନାନ୍ତର ନିଷ୍ପତି ତୁରନ୍ତ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟବାସୀ ନିବେଦନ ଜଣାଇଛନ୍ତି ।

# ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟସ୍ତରୀୟ ଉତ୍ସବ



ଭଣ୍ଡାରିପୋଖରୀ, ୯।୧୨(ସମିସ): ଭଣ୍ଡାରିପୋଖରୀ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟସ୍ତରୀୟ ବାର୍ଷିକୋତ୍ସବ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ନିତ୍ୟାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସ୍ଥାନୀୟ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ଓ ବାସୁଦେବପୁର ବିଧାୟକ ଅଶୋକ ଦାସ ମିଳିତ ଭାବେ ଉଦଘାଟନ କରିଥିଲେ । ଏଥିରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଲୋକପ୍ରିୟ ସିନେ ତାରକା ଅଶ୍ରୁମୋଚନ ମହାନ୍ତି, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ, ପ୍ରାକ୍ତନ ଭୁବନେଶ୍ୱର ମହାନଗର ନିଗମ କର୍ପୋରେଟର ତଥା ଉଦ୍ୟୋଗପତି ପ୍ରଦ୍ୟମ୍ନ କୁମାର ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ସରପଞ୍ଚ ବର୍ଷାରାଣୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫାଉଣ୍ଡେସନର ସେବାମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ । ଏହି ଅବସରରେ ରାଜ୍ୟର ୩୦ଟି ଜିଲ୍ଲାର ସ୍ୱେଚ୍ଛାସେବୀ ସଙ୍ଗଠନ, ବିଶିଷ୍ଟ ସାମ୍ବାଦିକ, ଶିକ୍ଷାବିତ, ଜୁଡ଼ୋ, କରାଟେ କ୍ରୀଡ଼ାବିତଙ୍କ ସମେତ ଆନ୍ତର୍ଜାତୀୟ ଭିନ୍ନକ୍ଷମ କ୍ରୀଡ଼ାବିତ ରାଖାଲ ସେଠୀଙ୍କୁ ଫାଉଣ୍ଡେସନ ପକ୍ଷରୁ 'ଉତ୍କଳ ସେବା ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଥିଲା । ଏହାସହ ଫାଉଣ୍ଡେସନର ସମସ୍ତ ସଦସ୍ୟମାନଙ୍କ ସେବାମୂଳକ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ଉତ୍କଳ ଫାଉଣ୍ଡେସନ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଫାଉଣ୍ଡେସନ ସଭାପତି ଅଜିତ କୁମାର ପତି, ଉପଦେଷ୍ଟା ନଟବର ରାଉଳ, ମହେଶ୍ୱର ବେହେରା ପ୍ରମୁଖ ସମ୍ମାନ ପ୍ରଦାନ ସଂଚାଳନା କରିଥିଲେ । ଫାଉଣ୍ଡେସନ ବ୍ଲକ ସମ୍ପାଦକ ନିତ୍ୟାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ । ଉତ୍କଳ କମ୍ପ୍ୟୁଟର ଓ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଫାଉଣ୍ଡେସନ ସମ୍ପାଦକ ହିମାଂଶୁ ଜେନା, ସହସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଭାଗବତ ରାଉତ, ପ୍ରଦୀପ ଧଳ, ନିଶିକାନ୍ତ ସାମଲ, ସତ୍ୟରଞ୍ଜନ ସାମଲ, ସତ୍ୟରଞ୍ଜନ ରାୟ, ସୌମ୍ୟରଞ୍ଜନ ସାହୁ, ବିନୋଦ ବାରିକ, ନୀଳମଣି ସାହାଣୀ, ଦୀପକ ମଲ୍ଲିକ, ଯଜାତି କେଶରୀ ମଲ୍ଲିକ, ଆକାଶ ସାହୁ, ଅଜୟ ରାଉତ, କୁଶଧ୍ୱଜ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ୧୫ ଲକ୍ଷ ଦାବିରେ ଅପହରଣ କରିବା ମହଙ୍ଗା ପଡ଼ିଲା

# ଶିକ୍ଷକ ଉଦ୍ଧାର; ଦୁଇ ଯୁବକଙ୍କୁ ବାନ୍ଧିଲା ପୁଲିସ

ବାସୁଦେବପୁର, ୯ ।୧୨(ସମିସ): ବାସୁଦେବପୁର ସ୍ଥିତ ଚୂଡାମଣୀ ଥାନା ମଦାରୀ ଗ୍ରାମରୁ ଜଣେ ଶିକ୍ଷକଙ୍କୁ ଅପହରଣା ଘଟଣାରେ ଦୁଇ ଅପହୃତାଙ୍କୁ ବାନ୍ଧିଲା ପୁଲିସ । ଏହି ଚର୍ଚ୍ଚିତ ଘଟଣାର ରହସ୍ୟ ସାମନାକୁ ଆସି ନଥିବା ବେଳେ ୧୫ ଲକ୍ଷର ମୁଣ୍ଡ ଜାମିନି କରି ଅପହରଣକାରୀମାନେ ଶିକ୍ଷକଙ୍କ ପରିବାରକୁ ଧମକ ରଖିବା ମହଙ୍ଗା ପଡ଼ିଛି । ରୋନ ନମ୍ବରକୁ ଟ୍ରାକିଂ କରି ସ୍ଥାନୀୟ ପୁଲିସ କେନ୍ଦ୍ରାପଡ଼ା ଅଞ୍ଚଳରୁ ଦୁଇ ଅପହରଣକାରୀ ଯୁବକଙ୍କୁ ଗିର' କରିବା ସହିତ ଶିକ୍ଷକ ବିଷ୍ଣୁମୋହନ ବେହେରାଙ୍କୁ ଉଦ୍ଧାର କରି ପରିବାର ନିକଟରେ ଛାଡିଥିବା ସୂଚନା ଦେଇଛି ପୁଲିସ । ଶିକ୍ଷକ ପରିବାର ସୂଚନାରୁ ଜଣାପଡ଼ିଛି, ଗତ ଶନିବାର ଶିକ୍ଷକ ଶ୍ରୀ ବେହେରା ସକାଳେ ବିଦ୍ୟାଳୟ ଅଭିମୂଖେ ବାହାରିଥିଲେ । ହେଲେ ବିଦ୍ୟାଳୟ ନିକଟ ରାସ୍ତାରେ ଯାଉଥିବା ବେଳେ କେତେକ ଯୁବକ ଆସି ଶିତୁଆ ସକାଳର ସୁଯୋଗ ନେଇ ଶିକ୍ଷକ ଶ୍ରୀ ବେହେରାଙ୍କୁ ସାଙ୍ଗରେ ନେଇ ଯାଇଥିବା ଘଟଣା କେତେକ ସ୍କୁଲ ପିଲା ଦେଖି ବିଦ୍ୟାଳୟର ଅନ୍ୟ ଶିକ୍ଷକମାନଙ୍କୁ କହିଥିଲେ । ବିଦ୍ୟାଳୟର ଶିକ୍ଷକମାନେ ଶିକ୍ଷକ ଶ୍ରୀ ବେହେରାଙ୍କୁ ଫୋନ କରି ବିଫଳ ହେବା ପରେ ପରିବାରକୁ ଖବର ଦେଇଥିଲେ । ମାତ୍ର କେଇ ଘଣ୍ଟା ପରେ ଏକ ଅଜଣା ଫୋନ ନମ୍ବରରୁ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା । ୧୫ ଲକ୍ଷ ଟଙ୍କା ଅବା ଜମି ମୋ ବାପାଙ୍କ ନାମରେ କରିଦିଅ, ତୁମ ସ୍ୱାମୀଙ୍କୁ ଫେରି ପାଇବ ବୋଲି ସ୍ତ୍ରୀଙ୍କୁ ଏଥିରେ ଧମକ ମିଳିଥିଲା । ଏହି ଘଟଣାକୁ ନେଇ ଶିକ୍ଷକ ଶ୍ରୀ ବେହେରାଙ୍କ ସ୍ତ୍ରୀ ସ୍ଥାନୀୟ ଚୂଡାମଣୀ ସାମୁଦ୍ରୀକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ପୁଲିସ କଲ ଆସିଥିବା ନମ୍ବରକୁ ନେଇ ଟ୍ରାକିଂ କରିବା ସହିତ ଛାନଭିନ କରି କେନ୍ଦ୍ରାପଡ଼ାର ଜମ୍ମୁ ଅଞ୍ଚଳରୁ ଉଦ୍ଧାର କରିଥିବା ପୁଲିସ ସୂଚନା ଦେଇଛି ।

# କର୍ମୀଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ



ବାରିକପୁର, ୯।୧୨(ସମିସ): ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଭଣ୍ଡାରିପୋଖରୀ ସ୍ଥିତ ବାସଭବନଠାରେ ଆଜି ଏକ ସୌଜନ୍ୟମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜେଡିର ପୂର୍ବତନ ସଂପାଦକ ଇଂ.ପ୍ରୟାସକାନ୍ତି ସାମଲ ଯୋଗ ଦେଇ ବିଭିନ୍ନ ଆଲୋଚନା କରିଥିଲେ । ବିଶେଷ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସଂପ୍ରତି ପୂର୍ବତନ ମନ୍ତ୍ରୀଙ୍କୁ ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ସେ ନେଇ ଶ୍ରୀ ସାମଲ ବିସ୍ତୃତ ଆଲୋଚନା କରିଥିଲେ । ଏହାଛଡା ଅନ୍ୟାନ୍ୟ ଦିଗ ଉପରେ ମଧ୍ୟ ସେ ଉପସ୍ଥିତ କର୍ମୀମାନଙ୍କ ସହିତ ଭାବ ବିନିମୟ କରିଥିଲେ । ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବ୍ଲକ ଯୁବ ବିଜେଡି ସଭାପତି ଲଳିତ ରାଉତ, ସରପଞ୍ଚ ରମେଶ ଚନ୍ଦ୍ର ଜେନା, ସମିତି ସଭ୍ୟ ବିଷ୍ଣୁ ଚରଣ ଦାସ, ରଞ୍ଜିତ ଜେନା, ବିଜେଡି ନେତା ହେମନ୍ତ ଜେନା, ପିରେଶ୍ୱର ବାରିକ, କାର୍ତ୍ତିକ ଜେନା, ଶରତ ପଲେଇ, ପ୍ରକାଶ ମହାପାତ୍ର, କିଶୋର ଷେଣ୍ଢ, ଦେବେନ୍ଦ୍ର ନାୟକ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅସହାୟ ମହିଳାଙ୍କୁ ଶୀତବସ୍ତ୍ର ପ୍ରଦାନ

ବାରିକପୁର, ୯ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉମିଦ ଫାଉଣ୍ଡେସନ ପକ୍ଷରୁ ଆଜି ଜଣେ ଅସହାୟ ମହିଳାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି । ବ୍ଲକ ଅଧୀନସ୍ଥ ସରସଦା ପଞ୍ଚାୟତ ଏକବୋଲା ଗ୍ରାମର ଅସହାୟ ମହିଳା ମମତା ସାହୁଙ୍କ ସ୍ୱାମୀ କିଛି ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ମମତା ଓ ତାଙ୍କର



ଏକ ସାତ ବର୍ଷର ନାବାଳକ ପୁତ୍ର ଅତି ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି । ମାସିକ ବିଧବା ଭତ୍ତା ଟଙ୍କା ଓ ରାସନ୍ ଚାଉଳ ଗଣ୍ଡାକ ମା'ପୁଅଙ୍କ ପାଇଁ ନିଅଣ୍ଟ ପଡୁଥିବା ବେଳେ ଅନେକ ସମୟରେ ମମତା ପର ଘରେ କାମଧନ୍ଦା କରି ଦୁଇ ପ୍ରାଣୀଙ୍କ ପାଇଁ ଖାଦ୍ୟ ଯୋଗାଡ କରୁଛନ୍ତି । ସ୍ୱାମୀ ଆରପାରିକୁ ଚାଲିଗଲା ପରେ ଦୁହେଁ ଏବେ ଏକ ପଲିଥିନ ଘେରା ବାସଗୃହରେ ରହୁଛନ୍ତି । ଅନେକ ଆପତି ଅଭିଯୋଗ ହୋଇଥିଲେ ସୁଦ୍ଧା ସରକାରୀ ଗୃହ ଖଣ୍ଡେ ମା'ପୁଅଙ୍କ ପାଇଁ ସାତସପନ ହୋଇଛି । ଏପରି ସ୍ଥଳେ ଉମିଦ ପକ୍ଷରୁ ସଦସ୍ୟ ମାନେ ପୂର୍ବରୁ ମଧ୍ୟ ଦୁହିଁଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇ ଥିଲେ । ଏବେ ପୁଣି ପ୍ରଖର ଶୀତକୁ ଆଖି ଆଗରେ ରଖି ସଂଗଠନ ତରଫରୁ ମମତାଙ୍କୁ ଅନ୍ୟାନ୍ୟ ସହାୟତା ସହିତ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି ।

● ବାତ୍ୟା 'ଦାନା' ପ୍ରଭାବରେ ଚାଷୀ ହନ୍ତସନ୍ତ

# ଏ ଯାଏଁ ଧାନ ଗଛରୁ ବାହାରିଲାନି ଥୋଡ଼

ଅସୁରାଳି, ୯ ।୧୨(ସମିସ): ବାତ୍ୟା ଦାନା ପ୍ରଭାବରେ ପ୍ରାୟ ୨୦୦ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଛି । ଯାହା ଫଳରେ ଏ ପର୍ଯ୍ୟନ୍ତ ଧାନ ଗଛରୁ ଥୋଡ଼ ବାହାରିନାହିଁ । ଯାହାକୁ ନେଇ ଚାଷୀମାନେ ଏବେ ଘୋର ଚିନ୍ତାରେ ପଡ଼ିଯାଇଛନ୍ତି । ଧାମନଗର ବ୍ଲକର କଟସାହି ପଞ୍ଚାୟତ ଅଞ୍ଚଳର ଚାଷୀ ଲକ୍ଷ ଲକ୍ଷ ଟଙ୍କାର କରଜ ଆଣି ଚାଷ କରିଥିଲେ । କିନ୍ତୁ ଅମଳ ଶୂନ ଯୋଗୁଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । କେଉଁଠୁ ଆଣିବେ ପଇସା, କିପରି ପରିଶୋଧ କରିବେ । ଏପଟେ କିନ୍ତୁ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । କ୍ଷେତ୍ର ପରିଦର୍ଶନ ସହିତ ଚାଷ ସମ୍ପର୍କିତ ସଚେତନତା ଭଳି କର୍ଯ୍ୟ ହାତକୁ ନିଆଯାଇନଥିବା ବିଭିନ୍ନ ଚାଷୀ ମାନେ ଜଣାଇଛନ୍ତି । ଚାଷୀ ମାନଙ୍କ ମଧ୍ୟରେ ଆନନ୍ଦ ବେହେରା, ରାଜେନ୍ଦ୍ର ବେହେରା, ବାବାଜୀ ମୁଦୁଲି, ନାରାୟଣ ମୁଦୁଲି, ଉମାକାନ୍ତ ମୁଦୁଲି, ଉପେନ୍ଦ୍ର ମୁଦୁଲି ଓ ଅନାଦି ମୁଦୁଲି ପ୍ରମୁଖ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି । ଏଣୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରାଗଲେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ପଞ୍ଚାୟତ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କରେ ସାମିଲ ଦାବି



ବନ୍ତ/ଆଗରପଡ଼ା, ୯।୧୨(ସମିସ)

ବନ୍ତ-ଆଗରପଡ଼ା ରାସ୍ତାର ନିମପଡ଼ା ଛକରୁ ଦୁଇ ପଞ୍ଚାୟତକୁ ସଂଯୋଗ କରିଥିବା ମାଟି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ରାସ୍ତାଟି ରାମଚନ୍ଦ୍ରପୁର ପଞ୍ଚାୟତର ନିମପଡ଼ା ଛକରୁ ବାହାରି ବନ୍ତ-ଓରାଳି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋ ଯୋଗ କରିଛି । ଏହି ରାସ୍ତା ଦେଇ ପ୍ରତିଦିନ ନିମପଡ଼ା, ପାଟଣା, ରାମଚନ୍ଦ୍ରପୁର, ସାହାରାଗଡ଼ିଆ, ସାନବର୍ଜକୟାଁ, ବରପଦୀ, ସିଲନ୍ଦି, ଖପରାଖାଇ, ଗୋବିନ୍ଦପୁର, କରାଣ୍ଡିଗଡ଼ିଆ ସମେତ ବନ୍ତ ପଞ୍ଚାୟତର ରଘୁନାଥପୁର, ଗଉରପୁର, ଧନିଓଝା, ଅଜାଣଗଡ଼ିଆ, ରାମପୁର, ବରକୋଣା, ଆପଣ୍ଡା, ପୁରୁଷୋତ୍ତମପୁର, ଟିଲୋ, ସଖିପାଟଣା ଗ୍ରାମର ଅଧିବାସୀ ଯାତାୟାତ କରନ୍ତି । ଉକ୍ତ ରାସ୍ତାର ଗୋଟିଏ ପଟ ବନ୍ତ ତହସିଲ, ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରିଥିବା ବେଳେ ଅନ୍ୟ ପଟ ବନ୍ତ-ଆଗରପଡ଼ା ମୁଖ୍ୟ ରାସ୍ତାକୁ ସଂଯୋଗ କରିଛି । ଏହା ଅଦ୍ୟାବଧି ମାଟି ରାସ୍ତାରେ ସୀମିତ ରହିଛି । ଫଳରେ ବର୍ଷା ଋତୁରେ ଏହି ରାସ୍ତା ଦେଇ ଯାତାୟାତ କରିବା ସମ୍ଭବ ହୋଇପାରୁନଥିବାରୁ ଲୋକଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା । ଅଧିକ ୬ କିମି ରାସ୍ତା ଅତିକ୍ରମ କରିବାକୁ ପଡୁଛି ବୋଲି ଗ୍ରାମବାସୀ କହନ୍ତି । ତେଣୁ ଏହାକୁ ପିଚୁ କରିବା ଜରୁରି ହୋଇପଡ଼ିଛି । ଅନ୍ୟ ପକ୍ଷରେ ଅଞ୍ଚଳବାସୀଙ୍କ ଦାବି ଆଧାରରେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରିବା ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ଲେଖିଥିବା ରାମଚନ୍ଦ୍ରପୁର ସରପଞ୍ଚ ପ୍ରିୟଙ୍କା ଦାସ କହିଛନ୍ତି ।



ମୟୂରଭଞ୍ଜ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

# ପରପିଢ଼ି ପାଇଁ ପ୍ରେରଣା ଯୋଗାଇବ ମହୋତ୍ସବ




**ବାରିପଦା, ୯ ।୧୨(ସମିସ)**

ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପାଇଁ ମୟୂରଭଞ୍ଜ ବିଶ୍ୱ ଦରବାରରେ ପରିଚିତ। ମହୋତ୍ସବ ଜରିଆରେ ପରପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ସୋମବାର ସପ୍ତମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ କହିଛନ୍ତି। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଓ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ସାଂସଦ ରବିନାରାୟଣ ପାଣି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ରାଇସେନ ମୁର୍ମୁ ଓ ଗିରିଶ୍ଚନ୍ଦ୍ର ଦାସ ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

ସୋମବାର ସନ୍ଧ୍ୟାରେ ଗୌତମ, ପମି ଓ ଉର୍ମିଳା ମହନ୍ତଙ୍କ ଟିମ କୁଡମାଲି ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିଥିଲେ। କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜିବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ରାକେଶ ସିଂ, ଇଂ. ବିପ୍ଲବ ଭଞ୍ଜ ବୁଗୁଡେଇ, ଲଡୁକେଶ୍ୱର ରଣା, କାଶୀନାଥ ରଣା, ରାକେଶ ବେହେରା ସମେତ ଅନ୍ୟ କର୍ମକର୍ତ୍ତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରଣଜିତ ଓ ଖୁସି ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ମହୋତ୍ସବ ମେଳା ଆସନ୍ତା ୧୧ତାରିଖର ଉଦ୍‌ଯାପିତ ହେବ। ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମେଳାରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ମେଳାରେ ୨୦୦ରୁ ଅଧିକ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ମଙ୍ଗଳବାର ନବମ ସନ୍ଧ୍ୟାରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଳ୍ପନା ହାଁସଦାଙ୍କ ଟିମ କାର୍ଯ୍ୟକ୍ରମ ପରିବେଷଣ କରିବେ।

- ମଞ୍ଚରେ ବିଜୟ ମହାପାତ୍ର ଓ ପ୍ରଣବ ପ୍ରକାଶ ଦାସ
- କୁଡମାଲି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୌତମ, ପମି ଓ ଉର୍ମିଳା ମହନ୍ତ

## ସାପ କାମୁଡାରେ ବୃଦ୍ଧ ମୃତ

**କୁଆମରା, ୯।୧୧(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ମାଣିକ ସିଂ (୬୦)ଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଗତ ୨୯ ତାରିଖରେ କାମ କରୁଥିବା ବେଳେ ଏକ ସାପ ତାଙ୍କ ଗୋଡକୁ କାମୁଡିଦେଇଥିଲା। ପରେ ସେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲା। ସେଠାରେ ୫ ଦିନ ଚିକିତ୍ସା ହେବା ପରେ ଡାକ୍ତର ତାଙ୍କୁ ଘରକୁ ଫେରାଇ ଦେଇଥିଲେ। ତେବେ ଗତକାଲି ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ପୁଣି ବଡସାହି ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ସୁକିନ୍ଦା, ୯।୧୧(ସମିସ):** ସୁକିନ୍ଦା-ହାତୀବାରି ରାସ୍ତାର ଖରଡ଼ି ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଆରୋହୀ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ବର୍ତ୍ତଣ୍ଡା ଗ୍ରାମର ପ୍ରହଲ୍ଲାଦ ସାହୁ ସୋମବାର ସୁକିନ୍ଦା ଆସୁଥିବାବେଳେ ଖରଡ଼ି ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ସୁକିନ୍ଦା ଦମକଳ କର୍ମଚାରୀ ପ୍ରହଲ୍ଲାଦଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଜେଜେ ବାପା-ଜେଜେ ମା’ ସମ୍ମିଳନୀ

**କୁଆମରା, ୯।୧୨(ସମିସ):** ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେ ବାପା ଜେଜେ ମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ଗୌରୀଶଙ୍କର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ମାୟାଧର ପରିଡ଼ା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ସମ୍ମାନିତ ଅତିଥି ଉଦଳା ସଂକୁଳ ପ୍ରମୁଖ ବିରଞ୍ଚି ନାରାୟଣ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ନାୟକ, ଭଗବାନ ଦଳେଇ ପ୍ରମୁଖ ଯୋଗ ଦେଇ ଶିକ୍ଷା ବିଭାଗ ସମିତି ଓଡ଼ିଶା ଯୋଜନା ଅନୁସାରେ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ବାଟିକା ବିଭାଗର ରବି ନାରାୟଣ ମହାନ୍ତି ଓ ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ ଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ଗୁରୁମା ଶୈଳବାଳା ରାଉତ, ଶୁଭସ୍ମିତା ତରେଇ, ସ୍ମୃତିରେଖା ସେନାପତି, ଗୁରୁଜୀ ଦିବ୍ୟଜ୍ୟୋତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ



**ରାଇରଙ୍ଗପୁର, ୯ ।୧୨(ସମିସ):** ବାଂଲାଦେଶରେ ହିନ୍ଦୁମାନଙ୍କୁ ଦିଆଯାଉଥିବା ନିର୍ଯାତନା ବିରୋଧରେ ସୋମବାର ରାଇରଙ୍ଗପୁର ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଶତାଧିକ କର୍ମକର୍ତ୍ତା ଜଗନ୍ନାଥ ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ଏହା ପରେ ଏକ ଶୋଭଯାତ୍ରାରେ ବାହାରି ପରିକ୍ରମା କରିଥିଲେ। ପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରେରଣ କରିଥିଲେ।

## ମାଙ୍କଡ଼ ଆକ୍ରମଣରେ ମହିଳା ଗୁରୁତର

**ବେଲବାହାଳ, ୯।୧୨(ସମିସ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଉଛବାଳି ପଞ୍ଚାୟତ ତୂରା ଗ୍ରାମରେ ମାଙ୍କଡ ଆକ୍ରମଣରେ ଜଣେ ମହିଳା ଗୁରୁତର ଅବସ୍ଥାରେ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ରବିବାର ଦିନ ତୁରା ଗ୍ରାମର ରିନା ରାଣୀ ସାହୁ (୪୦) ପୂର୍ବାହ୍ନ ୭ଟା ସମୟରେ ନିଜ ଘରର ଛାତ ଉପରେ ଲୁଗା ଶୁଖାଉଥିବା ବେଳେ ଏକ ହନୁ ମାଙ୍କଡ଼ ଆକ୍ରମଣ କରିଥିଲା। ମାଙ୍କଡ଼ କବଳରୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ଭୟରେ ଦୌଡ଼ି ଦୌଡ଼ି ଘରକୁ ଆସୁଥିବା ବେଳେ ପଡ଼ି ଯାଇ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚେତା ଶୂନ୍ୟ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାମାନ୍ୟ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



## ଭୁଜାଲିରେ ହାଣି ଲୁଟିନେଲେ ଏକ ଲକ୍ଷ

**କୁଆମରା/ମାଣତ୍ରୀ, ୯।୧୨(ସମିସ):** ସୋମବାର ସନ୍ଧ୍ୟାରେ ଉଦଳା-ବୈଶିଙ୍ଗା ରାସ୍ତାର ଭୀମଦା ଫାଣ୍ଡି ଅଧୀନ କାହ୍ନୁପୁର ଜଙ୍ଗଲ ରାସ୍ତାରେ ପରିବାରର ୩ ଜଣଙ୍କୁ ଭୁଜାଲିରେ ହାଣି ଏକ ଲକ୍ଷ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଗୋପବନ୍ଧୁ ନଗର ବ୍ଲକ କୁଆମରା ଗ୍ରାମର ଅଶୋକ ରାୟବାବୁ (୫୦), ସ୍ତ୍ରୀ ସୁଭଦ୍ରା ରାୟବାବୁ (୪୮) ଏବଂ ତାଙ୍କ ପୁଅ ସୁଧାଂଶୁ ରାୟବାବୁ (୩୦) ବଡସାହି ବ୍ଲକ ସ୍ଥିତ ମାଣତ୍ରୀ ବନ୍ଧନ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କା ଋଣ ଉଠାଇ ଏକ ଅଟୋରେ ଘରକୁ ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ପହଞ୍ଚି ଅଟୋକୁ ଅଟକାଇ ୩ ଜଣଙ୍କୁ ଭୁଜାଲିରେ ହାଣି ଭୟଭୀତ କରି ସମସ୍ତ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଆହତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ଜାରି ରହିଛି। ତେବେ ଅଶୋକ ଓ ତାଙ୍କ ପୁଅ ସୁଧାଂଶୁଙ୍କ ଅବସ୍ଥା ଗୁରୁତର ରହିଛି।

## ଅଶୋକଝର ପାର୍କରୁ ଚୋରି ଘଟଣାରେ ଦୁଇ ଅଟକ

**ସୁକିନ୍ଦା, ୯।୧୨(ସମିସ):** ସୁକିନ୍ଦା ବନ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣାଧୀନ ଅଶୋକଝର ପାର୍କରୁ ରବିବାର ବିଳମ୍ବିତ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ଘଟଣାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଅଶୋକଝର ନିକଟବର୍ତ୍ତୀ ଅଞ୍ଚଳର ଦୁଇଜଣ ବ୍ୟକ୍ତି ପାର୍କରୁ ରବିବାର ରାତିରେ ବିଭିନ୍ନ ସାମଗ୍ରୀ ଚୋରି କରୁଥିବା ସମୟରେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ସୂଚନା ପାଇ ସୁକିନ୍ଦା ପୁଲିସ ସୋମବାର ଚୋରି ସାମଗ୍ରୀ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

## ବିବେକାନନ୍ଦ ଆଦର୍ଶ ସ୍କୁଲରେ ବିଜ୍ଞାନ ମେଳା



**ମୋରଡା, ୯।୧୨(ସମିସ):** ମୋରଡା ବ୍ଲକ ଅଧୀନ ବରକନ୍ଦସ୍ଥିତ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ଆଜି କୁନି କୁନି ପିଲାଙ୍କ ଏକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କେଜି-୧ରୁ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ ତିଆରି କରି ପ୍ରଦର୍ଶିତ କରିଥିଲେ। ଛାତ୍ରଛାତ୍ରୀମାନେ ଗ୍ଲୋବାଲ ୱାର୍ମିଂ, ବର୍ଷାଜଳ ସଂରକ୍ଷଣ, ବାୟୁରେ ଅମ୍ଳଜାନର ଉପସ୍ଥିତି, ଶୀତଳ ଭଣ୍ଡାର, ପରିବେଶ ପ୍ରଦୂଷଣ, ଜଳ ବିଶୋଧନ, ଜଳ ଚକ୍ର, ବାୟୁରେ ଅଙ୍ଗାରକାମ୍ଳର ଉପସ୍ଥିତି, ଜଳର ସାନ୍ଦ୍ରତା, ସବୁଜ ପରିବାର, ବାୟୁ କିପରି ଚପ ପକାଏ ଆଦି ପ୍ରକଳ୍ପ ଉପସ୍ଥାପନା କରିଥିଲେ। ଛାତ୍ର ଅଭିନ୍ୟ, ବିନୀତ ଏବଂ ପ୍ରଥମରୁ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ମାମାଲି, ଖୁସି, ଭାଗ୍ୟଶ୍ରୀ, ଦିବ୍ୟଶା, ସଞ୍ଜୀବ, ଚନ୍ଦନ, ପ୍ରିତମ, ଡମ୍ବରୁ, ସୁମନ, ପପୁ, ଗଙ୍ଗା, ରୋହିତ ପ୍ରମୁଖ ମେଳାରେ ଭାଗ ନେଇଥିଲେ। ମେଳାକୁ ପରିଚାଳନା ଗୁରୁମା ପ୍ରଭାତୀ, ଗୁରୁଜୀ ବାପି, ବିରୁ ସାର, ଜେନା ସାର ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ସଭାପତି ହୈମବତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ନେଟବଲ୍ ପ୍ରତିଯୋଗିତା ପାଇଁ ମହତାବ ସ୍କୁଲ ଛାତ୍ର ମନୋନୀତ

**ଦଶରଥପୁର, ୯।୧୨(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ମହତାବ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ଚିନ୍ମୟ କୁମାର ଦାସ ଜାତୀୟ ନେଟବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଚଳିତ ମାସ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଚିନ୍ମୟ ଆଜି ଲୁଧିଆନା ଅଭିମୁଖେ ଯାତ୍ରା କରିଛନ୍ତି। ଚିନ୍ମୟଙ୍କ ଏହି ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଆଲୋକ ବନ୍ଧ, ମଙ୍ଗଳପୁର ହାଇସ୍କୁଲ ପ୍ରଧାନଶିକ୍ଷକ ରଜନୀକାନ୍ତ ବେହେରା, କ୍ରୀଡ଼ା ଶିକ୍ଷକ ଖଗେଶ୍ୱର ରାଉତ, ନିରଞ୍ଜନ ସାମଲ, ଦଶରଥ ଦାସ, ପୀତବାସ ବେହେରା, ଖଗେଶ୍ୱର ମଲ୍ଲିକ, ସନ୍ତୋଷ ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଚିନ୍ମୟଙ୍କୁ ଶୁଭକାମନା ଜଣାଇଛନ୍ତି।



ରତିକାନ୍ତ ସ୍ମାରକୀ କ୍ରିକେଟ

## ସେମିରେ ବାଲେଶ୍ୱର ମର୍ଣ୍ଣିଂ ଷ୍ଟାର କ୍ଲବ୍

**ଉଦଳା, ୯।୧୨(ସମିସ):** ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଭଦ୍ରକ ରେଳବାଇ କ୍ଲବ ଓ ବାଲେଶ୍ୱର ମର୍ଣ୍ଣିଂ ଷ୍ଟାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫଳରେ ବାଲେଶ୍ୱର ମର୍ଣ୍ଣିଂ ଷ୍ଟାର କ୍ଲବ ଭଦ୍ରକୁ ପରାସ୍ତ କରି ସେମିରେ ପ୍ରବେଶ କରିଛି। ପ୍ରଥମେ ଟସ ଜିଣି ମର୍ଣ୍ଣିଙ୍ଗ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୧୯ ରନ କରିଥିଲା। ଦଳ ପକ୍ଷରୁ ରୋନାଲଡ଼ ଦାସ ସର୍ବାଧିକ ରନ କରିଥିବା ବେଳେ ଭଦ୍ରକ ରେଳବାଇ କ୍ଲବର ନିହାର ୩ଟି ଉଇକେଟ ନେଇଥିଲେ। ଜବାବରେ ଭଦ୍ରକ ରେଳବାଇ ଦଳ ୧୯.୫ ଓଭରରେ ମାତ୍ର ୧୨୯ ରନ କରି ଅଲ ଆଉଟ ହୋଇଯାଇଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ବାରିପଦା ଡିଆରକେ ଓ ମର୍ଣ୍ଣିଙ୍ଗ ଷ୍ଟାର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

୨ୟ ବାର୍ଷିକ କଲେଜଫିଲ୍ଡ କ୍ରିକେଟ ଲିଗ୍ ଉଦ୍‌ଯାପିତ

## ବାବା ବିଶ୍ୱେଶ୍ୱର-୧୧ ବର୍ତ୍ତନା ଚାମ୍ପିଅନ




**ବେତନଟୀ, ୯।୧୨(ସମିସ):** ବେତନଟୀ କଲେଜ ପଡ଼ିଆରେ ୨ୟ ବାର୍ଷିକ କଲେଜ ଫିଲ୍ଡ କ୍ରିକେଟ ଲିଗ-୨୦୨୪ ରବିବାର ଉଦଯାପିତ ହୋଇଯାଇଛି। ରଣଜୀ ଖେଳାଳୀ ଲଲାଟେନ୍ଦୁ ବେହେରା ମୁଖ୍ୟଅତିଥି ଭାବେ ଏହାକୁ ଉଦଘାଟନ କରିଥିଲେ। ବେତନଟୀ ଏବଂ ବଡସାହିରୁ ୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଦୀପ୍ତିରେଖା ୱାରିୟର୍ସକୁ ପରାସ୍ତକରି ବାବା ବିଶ୍ୱେଶ୍ୱର-୧୧ ବର୍ତ୍ତନା ଚଳିତ ବର୍ଷର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେତନଟୀବ୍ଲକ ସାମ୍ବାଦିକସଂଘର ଉପଦେଷ୍ଟା ସମାଜସେବୀ ପ୍ରକାଶ ବେହେରାଙ୍କ ସମେତ ସଠିଲୋ ପଞ୍ଚାୟତର ଯୁବ ସମିତିସଭ୍ୟ କିଶୋର ନାୟକ, ରମେଶ ପଣ୍ଡିତ, ସଚିନ ମହାପାତ୍ର ମଞ୍ଚାସୀନ ଥିଲେ। ଚାମ୍ପିଅନଟିମକୁ ୨୫ହଜାର ଏବଂ ରନର୍ସଅପକୁ ୨୦ହଜାର ଟଙ୍କାର ପୁରସ୍କାରରାଶି ଓ ଟ୍ରଫି ପ୍ରଦାନ କରାଯାଇଛି। ଅନୁପ ଦଣ୍ଡପାଟ ଓ ସତ୍ୟରଞ୍ଜନ ପାତ୍ର ଖେଳ ପରିଚାଳନା କରିଥିଲେ। ଆୟୋଜକ ସଭାପତି ପପୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ପ୍ରତିଯୋଗିତାରେ ସମ୍ପାଦକ ପର୍ଶୁରାମ ଗୋଛାୟତ, ପ୍ରଶାନ୍ତ ନାଥ, ଚନ୍ଦନ ଗିରି, ସଞ୍ଜୀବ ରାଉତ, ଗିରିଶ ଦାସ, ସାଗର ସାହୁ, ଅଜୟ ଦାସ, ବାହାଦୁର, ଚିଣ୍ଟୁ, ବିକାଶ ଯାଦବ, ଧ୍ରୁବ ଦାସ ସହଯୋଗ କରିଥିଲେ।

## ରାଇରଙ୍ଗପୁରରେ ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିର

**ରାଇରଙ୍ଗପୁର, ୯ ।୧୨(ସମିସ):** ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୭୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୫୫ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୩ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଥିଲା। ଆପତ୍ତି ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ରେଡକ୍ରସରୁ ୨ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହାଛଡା ମୋଟ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକାରୀ ନାରାୟଣ ନାୟକ, ଏସ୍ଡିଏମଓ ଡାକ୍ତର ରବୀନ୍ଦ୍ର କୁମାର ମାରାଣ୍ଡି ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ପାଟଲୀପୁରା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ସୁବର୍ଣ୍ଣ ଜୟନ୍ତୀ

# ସୋସିଆଲ ମିଡିଆର ସଦ୍‌ଉପଯୋଗ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

**ବେତନଟୀ/ବୈଶିଙ୍ଗା, ୯ ।୧୨(ସମିସ)**




ଛାତ୍ରଛାତ୍ରୀ ସୋସିଆଲ ମିଡିଆର ବହୁଳ ବ୍ୟବହାରଠାରୁ ନିଜକୁ ଦୂରରେ ରଖି ତା’ର ସଦ୍ ଉପଯୋଗ କରିବାକୁ ବେତନଟୀ ବ୍ଲକ ପାଟଳୀପୁରା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀର ଶେଷ ଦିନର ୧ମ ଅଧିବେଶନରେ ମୁଖ୍ୟ ଅତିଥି ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆହ୍ୱାନ ଦେଇଛନ୍ତି ମୁଖ୍ୟବକ୍ତା ରୂପେ ମୟୂରଭଞ୍ଜ ଶିକ୍ଷା ଜିଲ୍ଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ବରିଷ୍ଠ ଶିକ୍ଷାବିତ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ପୂର୍ବତନ ପ୍ରଧାନଶିକ୍ଷକ ଉପେନ୍ଦ୍ର ନାଥ ପ୍ରଧାନ ଯୋଗଦେଇଥିଲେ। ସଭାରେ ପୂର୍ବତନ ଶିକ୍ଷକ ବାବାଜି ଦାସ ସଭାପତିତ୍ୱ କରିବା ସହିତ ଶିକ୍ଷକ ଡଃ ରମାକାନ୍ତ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅନ୍ୟତମ ବ୍ୟକ୍ତାଭାବେ କାର୍ଯ୍ୟକାରୀ ସଭାପତି ନୀଳାମ୍ବର ମିଶ୍ର ଏବଂ ସଂଯୋଜନା କରିଥିଲେ ଶିଶିର କୁମାର ନାୟକ। ଏହି ଅବସରରେ ଏକ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ ଶିକ୍ଷା ଅନୁନିରୀକ୍ଷକ ସୁଧାକର ମହାପାତ୍ର। ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉଦଯାପନୀ ସନ୍ଧ୍ୟାର ୨ୟ ଅଧିବେଶନରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ବାରିପଦାର ସାଇ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡଃ ପ୍ରଭଞ୍ଜନ ରାଉତ, ବିଶିଷ୍ଟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପରିଷଦ ସଦସ୍ୟା ସବିତା ଦାଶ, ସମିତି ସଭ୍ୟା ମମତା ଗୋଛାୟତ ପ୍ରମୁଖ ଅନ୍ୟତମ ଅତିଥି ରୂପେ ଯୋଗଦାନ କରି ବିଦ୍ୟାଳୟର ଗୌରବାବହ ଇତିହାସରେ ସୁବର୍ଣ୍ଣ ଜୟନ୍ତୀ ଭଳି ଏକ ଅଧ୍ୟାୟ ଯୋଡିହେଲା ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ରୂପେ ପ୍ରତିଶ୍ରୁତି ପ୍ରତିଷ୍ଠାନର ଅଧ୍ୟକ୍ଷ ଭାଗବତ ପଣ୍ଡା, ଜୟନ୍ତୀ କମିଟିର ସଭାପତି ରଘୁନାଥ ଜେନା, ଲେଖକ ପର୍ଶୁରାମ ସାହୁ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ସତ୍ୟରଞ୍ଜନସାହୁ ସଭାପତିତ୍ୱ କରିଥିଲେ।

## ଚଣ୍ଡିଖୋଲ-ଡୁବୁରୀ ୫୩ ନଂ ଜାତୀୟ ରାଜପଥର ହେଉନି ମରାମତି ଓ ସମ୍ପ୍ରସାରଣ

# ସଚେତନ ନାଗରିକ ମଞ୍ଚର ରାସ୍ତାରୋକ




**ଯାଜପୁର/କବାଟବନ୍ଧ, ୯।୧୨(ସମିସ)**

ଯାଜପୁର ଜିଲ୍ଲା ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ଡୁବୁରୀ ରାସ୍ତାର ମରାମତି, ସମ୍ପ୍ରସାରଣ କାମ ଆଗେଇ ପାରୁନି । ଫଳରେ ବର୍ଷ ବର୍ଷ ଧରି ଏହାର ପ୍ରତିବାଦ କରି ଆନ୍ଦୋଳନ କରୁଛି ସାମାଜିକ ସଂଗଠନ ସଚେତନ ନାଗରିକ ମଞ୍ଚ । ବାରମ୍ବାର ମଞ୍ଚ ପକ୍ଷରୁ ଦାବିପତ୍ର, ଆନ୍ଦୋଳନ କରାଯିବା ସହ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିପାରୁନି । ଏହାର ପ୍ରତିବାଦ କରି ଆଜି ସଚେତନ ନାଗରିକ ମଞ୍ଚ ପକ୍ଷରୁ ରାସ୍ତାରୋକ କରାଯାଇଥିଲା । ଏଥିରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାର, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ରାସ୍ତାରୋକ ଫଳରେ ଦୀର୍ଘଦିନ ସମୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ତେବେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅବରୋଧ ହଟିଛି ।

ସୂଚନା ମୁତାବକ, ଉକ୍ତ ଜାତୀୟ ରାଜପଥ ଦେଇ ପ୍ରତିଦିନ କଳିଙ୍ଗନଗର, ଢେଙ୍କାନାଳ, କେନ୍ଦୁଝର ଜିଲ୍ଲାର କ୍ରୋମାଇଟ୍, କୋଇଲା ଓ ଲୁହାପଥର ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ ହୋଇଥାଏ । ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ଆୟ କରିଥା'ନ୍ତି । ଶିଳ୍ପାଞ୍ଚଳ ପାଇଁ ଲାଇଫଲାଇନ ହୋଇଥିବା ସତ୍ତ୍ୱେ ଏହି ଜାତୀୟ ରାଜପଥକୁ କେନ୍ଦ୍ର ସରକାର ଆଦୌ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି । ଏବେ ଡବଲଇଞ୍ଜିନ ସରକାର ସତ୍ତ୍ୱେ କାହିଁକି ଏହି ଜାତୀୟ ରାଜପଥକୁ ଅବହେଳା କରାଯାଉଛି ବୋଲି ଆନ୍ଦୋଳନକାରୀ ପ୍ରଶ୍ନ କରିଥିଲେ । ଆଜି ସକାଳ ୮ଟାରୁ କବାଟବନ୍ଧସ୍ଥ ବ୍ରାହ୍ମଣୀ ସେତୁ ନିକଟରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ୫୩ନଂ ଜାତୀୟ ରାଜପଥରେ ପୂର୍ବରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବହୁ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କ ସହିତ ଦୁର୍ଘଟଣାର ଶିକାର ହୋଇ ଅକର୍ମଣ୍ୟ ହୋଇଥିବା ବହୁ ବ୍ୟକ୍ତି ସାମିଲ ହୋଇଥିଲେ । ଏଥିସହିତ ମୁକୁନ୍ଦପାତ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜର ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଆସି ଧାରଣାରେ ସାମିଲ ହୋଇଥିଲେ । ରାସ୍ତାରୋକ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା । ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରାସ୍ତାରୋକରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବା, ପୁରୁଣା ବ୍ରାହ୍ମଣୀ ସେତୁ ୪ ଥାକିଆ ସଡ଼କ ନିର୍ମାଣ, ବ୍ରାହ୍ମଣୀ ସେତୁ କ୍ଷମତାର ଯାଞ୍ଚ, ଭାରୀଯାନ ଚଳାଚଳ ସଂଖ୍ୟା ପଚାଶ ପ୍ରତିଶତ ନିୟନ୍ତ୍ରଣ, ବ୍ରାହ୍ମଣୀ ସେତୁ ଓ ରାସ୍ତାକୁ ଆଲୋକିକରଣ, ଧୂଳି ନିୟନ୍ତ୍ରଣ ପାଇଁ ପାଣି ଛିଞ୍ଚନ, ସକାଳ ଓ ସନ୍ଧ୍ୟାରେ ଭାରୀଯାନ କଟକଣା, ଚଣ୍ଡିଖୋଲ, ଚଢ଼େଇଧରା ଓ କନ୍ତପଡ଼ା ଆଦି ସ୍ଥାନରେ ଥିବା କଲେଜ ଛକରେ ଛାତ୍ରଛାତ୍ରୀ ଓ ଯାତ୍ରୀଙ୍କ ପାଇଁ ବିଶ୍ରାମଘର ନିର୍ମାଣ ଆଦି ୭ ଦଫା ଦାବି ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । ମଞ୍ଚର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଡବଲଇଞ୍ଜିନ ସରକାରଙ୍କୁ ସମାଲୋଚନା କରିବା ସହିତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ପ୍ରବଳ ବର୍ଷିବା ସହିତ ଧାରଣାରେ ବସିଥିଲେ ।

- **ଦୁର୍ଘଟଣାରେ ମୃତକଙ୍କ ପରିବାର, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ସାମିଲ**
- **ଡବଲଇଞ୍ଜିନ ସରକାରଙ୍କୁ ଦାୟୀ କଲେ ଘଡ଼ାଇ**
- **ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦାବି ମାନିବା ପରେ ଧାରଣା ପ୍ରତ୍ୟାହୃତ**







ନିକଟରେ ଲୋକସଭାରେ ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ଦ୍ୱାରା ୮୨ ପ୍ରତିଶତ ନିର୍ମାଣ ସରିଥିବା ଉତ୍ତରକୁ ନେଇ ଜାତୀୟ ରାଜପଥର ଆଞ୍ଚଳିକ ଅଧିକାରୀ ବିରେନ୍ଦ୍ର ସିଂଙ୍କୁ ବିଭିନ୍ନ ପ୍ରଶ୍ନ କରି ଘାଇଲା କରିଥିଲେ । ମନ୍ତ୍ରୀଙ୍କୁ ମିଥ୍ୟା ତଥ୍ୟ ଦିଆଯାଇ ଲୋକଙ୍କୁ କାହିଁକି ଭ୍ରମିତ କରାଯାଉଛି ଓ ଏଥିପାଇଁ ନିରୀହ ଲୋକଙ୍କ ଜୀବନ ଯାଉଛି କହି ରାଜପଥ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ ।

ସେହିପରି ସ୍ଥାନୀୟ ବିଧାୟକ ହିମାଂଶୁ ସାହୁ ସଭାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକାନ୍ତ କାନୁନଗୋ, ଚଣ୍ଡିଖୋଲ ଆରଟିଓ ସମ୍ବିତ କୁମାର, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଢେଙ୍କାନାଳ ଡେପୁଟି ମ୍ୟାନେଜର ଜେପି ବର୍ମା, ଜେନାପୁର ଥାନାଧିକାରୀ ଶୁଭେନ୍ଦୁ ସାହୁ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ, ବାରଗାଡ଼ିଆ ସମିତି ସଭ୍ୟା ମୃତ୍ୟୁଞ୍ଜୟ ଦେଓ, ପିଙ୍ଗଲ ସମିତି ସଭ୍ୟା ନିରୁପମା ବେହେରା, ସୁକିନ୍ଦାଗଡ଼ ସରପଞ୍ଚ ସ୍ୱାଧୀନ ଦାସ ପ୍ରମୁଖଙ୍କ ଉପସ୍ଥିତରେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସାମ୍ବାଦିକ ପରମାନନ୍ଦ ସାହୁ, ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲ, ଶକ୍ତିରଞ୍ଜନ ଦାସ, ତପନ ଦଳାଇ, ଶକ୍ତିପ୍ରସାଦ ସାମନ୍ତ, ସୌମ୍ୟ ସାହୁ, ଗଗନ ମହାନ୍ତି, ଯଶୋବନ୍ତ ସାହୁଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ ।

**ସୁକିନ୍ଦା/ଦାନଗଦି:** ୫୩ନଂ ଜାତୀୟ ରାଜପଥର ମରାମତି ଓ ସମ୍ପ୍ରସାରଣ ପାଇଁ ଡୁବୁରୀ ଛକରେ ମଧ୍ୟ ଧାରଣା ଦିଆଯାଇଥିଲା । ଯେଉଁ ଆନ୍ଦୋଳନକୁ ସୁକିନ୍ଦା, ଧର୍ମଶାଳା ଅଞ୍ଚଳର ବହୁ ସାମାଜିକ, ବ୍ୟବସାୟିକ ସଂଗଠନ ଓ ଛାତ୍ରଛାତ୍ରୀ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ । ଦିନ ତମାମ ଏହି ଆନ୍ଦୋଳନ ଜାରି ରହିଥିଲା । ଆନ୍ଦୋଳନକାରୀ ଚଣ୍ଡିଖୋଲ ଯିବା ରାସ୍ତା ଉପରେ ବସିରହିଥିଲେ । ଫଳରେ ଡୁବୁରୀ ଛକର ଚତୁପାର୍ଶ୍ୱରେ ଶହ ଶହ ଯାନବାହନ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଆନ୍ଦୋଳନକୁ କଳିଙ୍ଗନଗର ପ୍ରଦୂଷଣ ବିରୋଧୀ ଜନମଞ୍ଚ, ସୁକିନ୍ଦା ଭୂମିପୁତ୍ର ଅଧିକାର ସୁରକ୍ଷା ସଂଗଠନ, କଳିଙ୍ଗନଗର ବଣିକ ସଂଘ, ସବୁଜ କୃଷିକ୍ଷେତ୍ର ବଞ୍ଚାଅ କୃଷକ ସଂଘ, ଜମିହରା ଓ ବିସ୍ଥାପିତ ଏକତା ମିଶନ, ବିଭିନ୍ନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସମର୍ଥନ କରିଥିଲେ । ତେବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦାବି ମାନିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର, ୯ ।୧୨(ସମିସ):** ଆସନ୍ତା ୧୪ ତାରିଖରେ ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ପ୍ରକାଶ କରିଛନ୍ତି । ଉକ୍ତ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏଥିସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମାର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଏହି ମକଦ୍ଦମା ସମାଧାନ ପାଇଁ କୌଣସି ଖର୍ଚ୍ଚ ପଡେ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି ।

## ଚଣ୍ଡିଖୋଲରେ ଏସ୍‌ଡିପିଓ କାର୍ଯ୍ୟାଳୟ ଖୋଲିବା ଦାବି

**ବଡ଼ଚଣା, ୯।୧୨(ସମିସ):** ବ୍ୟବସ୍ଥିତ ଢଙ୍ଗରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଚଣ୍ଡିଖୋଲରେ ପୁଲିସ ଏସଡିପିଓ କାର୍ଯ୍ୟାଳୟ ଖୋଲିବା ପାଇଁ ଆଜି ବିଧାନସଭାରେ ବଡ଼ଚଣା ବିଧାୟକ ଅମର ନାୟକ ବିଭାଗୀୟ ମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି । ବିଧାୟକ ଶ୍ରୀ ନାୟକଙ୍କ କହିବା ମୁତାବକ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଅଧୀନରେ ୫ଟି ଥାନା ରହିଥିବାବେଳେ ଯାଜପୁର ଟାଉନ ଏସଡିପିଓଙ୍କ ଅଧୀନରେ ୭ଟି ଥାନା କାର୍ଯ୍ୟ କରୁଛି । ସେହିପରି ଯାଜପୁରରୋଡ୍ ଏସଡିପିଓଙ୍କ ଅଧୀନରେ ୧୧ଟି ଥାନା ରହିଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରିବା ପାଇଁ ଯାଜପୁରରୋଡ୍‌ରେ ଥିବା ଏସଡିପିଓ କାର୍ଯ୍ୟାଳୟକୁ ବିଭାଜିତ କରାଯାଇ ଚଣ୍ଡିଖୋଲରେ ଏସଡିପିଓ କାର୍ଯ୍ୟାଳୟ ଖୋଲିବା ପାଇଁ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ଦୀର୍ଘବର୍ଷ ଧରି ଡିଜିପିଙ୍କ କାର୍ଯ୍ୟାଳୟରେ ରହିଥିବାବେଳେ ତାହା କେବେ କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ ଶ୍ରୀ ନାୟକ ଆଜି ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ ।

## ବ୍ୟାସନଗରରେ ସପ୍ତାହରେ ଦୁଇଦିନ କ୍ୟାମ୍ପ କୋର୍ଟ

**ବ୍ୟାସନଗର, ୯।୧୨(ସମିସ):** ସପ୍ତାହରେ ଦୁଇଦିନ ବ୍ୟାସନଗରରେ କ୍ୟାମ୍ପ କୋର୍ଟ ଖୋଲିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯାଜପୁର ଜିଲ୍ଲାପାଳଙ୍କୁ ଚିଠିନଂ ୪୩୩୦୩ରେ ଅନୁମତି ପ୍ରଦାନ କରିଛନ୍ତି । କିଛିଦିନ ତଳେ କୋରେଇ ବିଧାୟକ ଆକାଶ ଦାସନାୟକ ବ୍ୟାସନଗରରେ କ୍ୟାମ୍ପ କୋର୍ଟ ଖୋଲିବା ପାଇଁ ଅନୁରୋଧ କରିଥିଲେ । ତାହା ସଫଳ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ବ୍ୟାସନଗର ସହରର ଜମିଜମା ସଂକ୍ରାନ୍ତୀୟ ସମାଧାନର ପ୍ରଥମ ପଦକ୍ଷେପ । ଆଗାମୀ ଦିନରେ ବ୍ୟାସନଗର ସହରର ସମସ୍ତ ଜମିଜମା ସଂକ୍ରାନ୍ତୀୟ ସମସ୍ୟାକୁ କିପରି ସମାଧାନ କରାଯିବ, ସେଥିପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ବ୍ୟାସନଗର ତହସିଲ, ଦାନଗଦି ତହସିଲ, ସୁକିନ୍ଦା ତହସିଲ ଅନ୍ତର୍ଗତ ୩୬ ରାଜସ୍ୱ ଗ୍ରାମର ଫାଇନାଲ ସେଟେଲମେଣ୍ଟ ପଟ୍ଟା ମିଳିନାହିଁ । ଏହି କ୍ୟାମ୍ପ କୋର୍ଟରେ ତାହା ସହଜରେ ସମାଧାନ ହୋଇ ଲୋକଙ୍କୁ ଫାଇନାଲ ପଟ୍ଟା ପ୍ରଦାନ କରାଯିବ ।

## ଏନର୍ଜି କ୍ଲବ୍ ପକ୍ଷରୁ ଲିଖିତ କୁଇଜ୍ ପ୍ରତିଯୋଗିତା



**ଯାଜପୁର, ୯ ।୧୨(ସମିସ):** ଯାଜପୁର ସହର ମ୍ୟୁନିସିପାଲ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଏନର୍ଜି କ୍ଲବ୍ ପକ୍ଷରୁ ଜିଲ୍ଲାସ୍ତରୀୟ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ଟି ବ୍ଲକରୁ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଦଶରଥପୁର ବ୍ଲକ ଅଧୀନସ୍ଥ କୃଷ୍ଣ ପ୍ରଧାନ ଉଚ୍ଚବିଦ୍ୟାଳୟରୁ ସେକ ଅସଲମ ଅଲ୍ଲି ୧ମ ଓ ସିପ୍ରାରାଣୀ ବେହୁରିଆ ଦ୍ୱିତୀୟ ଓ ବରୀ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଜିତେନ୍ଦ୍ର ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପୌରୋହିତରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ରୂପେ ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଯୋଗଦାନ କରିଥିଲେ । ଶକ୍ତି ସଙ୍କଟର ମୁଖ୍ୟ କାରଣ ଓ ଏହାର ନିରାକରଣ ସହ ଶକ୍ତିର କିପରି ସୁପରିଚାଳନା କରିପାରିବା, ସେ ବିଷୟରେ ମୁଖ୍ୟଅତିଥି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଜଣାଇବା ସହ ପ୍ରତିଯୋଗୀଙ୍କୁ ଶୁଭ କାମନା ଜଣାଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ହେମନ୍ତ ସାହୁ, ଜଗନ୍ନାଥ ବେହେରା, ବ୍ରହ୍ମାନନ୍ଦ ବାରିକ, ନିରଞ୍ଜନ ସାମଲ, ଜିତେନ୍ଦ୍ର ସାହୁ, ଚିନ୍ମୟ ରଥ, ଶିବବ୍ରତ ପାଣି, ଶୈଳଜା ବାରିକ, ବିଷ୍ଣୁଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଭିନ୍ନ ସ୍କୁଲରେ ପୋଷାକ ବିତରଣ

**ରଗଡ଼ି, ୯।୧୨(ସମିସ):** କୋରେଇ ଶିକ୍ଷାମଣ୍ଡଳ ଅଧୀନସ୍ଥ ପଛିକୋଟ ପଞ୍ଚାୟତ ଖମିଗାଁ ସରକାରୀ ଉପ୍ରା ସ୍କୁଲରେ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୧୩୪ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇହଳ ପୋଷାକ ବଣ୍ଟନ କରାଯାଇଥିଲା । ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି ତଳଗଡ଼ କ୍ଲଷ୍ଟର ସିଆରସିସି ବୀରବର ପାତ୍ର ଓ ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଜଣେ ଜଣେ ଉତ୍ତମ ଛାତ୍ର ହେବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତ ପରିଚାଳନା କରିଥିବାବେଳେ ଶିକ୍ଷକ ଶଙ୍କର୍ଷଣ ମହାଳିକ, ଶିକ୍ଷୟିତ୍ରୀ ନିରୁପମା ସ୍ୱାଇଁ, ଗାୟତ୍ରୀ ନାୟକ ଓ ଅଲିଭା ଦାସ ସହଯୋଗ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ । ସେହିପରି ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ସରକାରୀ ଉପ୍ରା ସ୍କୁଲରେ ରବୀନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୩୭ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇହଳ ପୋଷାକ ବଣ୍ଟନ କରାଯାଇଥିଲା । ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ରାଉତରାୟ, ସମ୍ମାନିତ ଅତିଥି ପରମାନନ୍ଦପୁର କ୍ଲଷ୍ଟର ସିଆରସିସି ମହେନ୍ଦ୍ର କର ଓ ପୂର୍ବତନ ସିଆରସିସି ମନୋଜ ଚକ୍ର ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ କାହ୍ନୁଚରଣ ସେଠୀ ଏହାକୁ ପରିଚାଳନା କରିଥିବାବେଳେ ଭଗବାନ ସାହୁ, ବିଶ୍ୱନାଥ ପାଢ଼ୀ, ମଙ୍ଗୁଳି ଚରଣ ଖଟୁଆ, ପ୍ରଫୁଲ୍ଲ ଖଟୁଆ ଓ ଜୟନ୍ତୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।



## ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ଶବଦାହ କଲେ ସ୍ୱେଚ୍ଛାସେବୀ

**ବ୍ୟାସନଗର, ୯ ।୧୨(ସମିସ):** ନହକା ବାଇପାସ ତଳେ ରହୁଥିବା ଆଦିବାସୀ ବସ୍ତିର ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ଆଜି ସକାଳେ ମୃତ୍ୟୁ ଘଟିଥିଲା । ସେ ଭିକ୍ଷା ବୃତ୍ତି କରି ଚଳୁଥିବାରୁ ତାଙ୍କ ଶବଦାହରେ ସମସ୍ୟା ସୃଷ୍ଟି ହୋଇଥିଲା । ଏ ନେଇ ଆଇନଜୀବୀ ରବୀନ୍ଦ୍ର ନାୟକ ଅଗ୍ରଣୀ ସମାଜସେବୀ ସଂଗଠନ ସହିଦ ଭଗତ ସିଂ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ଓ ସମ୍ପାଦକ ହେମନ୍ତ ଧୀରଙ୍କୁ ଖବର ଦେଇଥିଲେ । ସହିଦ ଭଗତ ସିଂ ଯୁବକ ସଂଘ ସଭାପତି, ସମ୍ପାଦକ, ଭେଷଜ ବିଜ୍ଞାନୀ ଜଗଦୀଶ ମହାରଣା, ବୈଦ୍ୟ ପଣ୍ଡା ପହଞ୍ଚି ଦୃଷ୍ଟିବାଧିତ ଗୋବିନ୍ଦ ବାରିକଙ୍କ ଶେଷକୃତ୍ୟ କରିଥିଲେ । ବସ୍ତିର ଡକ୍ଟର ଟୁଡୁ, ରବି ମାରାଣ୍ଡି, ରାଜୁ ମୁଣ୍ଡା, ରାଜକିଶୋର ଦଲେଇ, ରାମ ହାଁସଦା, ବାଦଲ ହାଁସଦା, ଫାଦୁର ମୁର୍ମୁ, ଗୋପାଳ ଟୁଡୁ, ଯାଦୁ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ପ୍ରୀତିପୁର, ୯ ।୧୨(ସମିସ):** ବିଞ୍ଝାରପୁର ବ୍ଲକର ବିତନାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚବିଂଶତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ମହୋତ୍ସବକୁ ଅନୁଷ୍ଠାନର ସଭାପତି ବିଜୟ କୁମାର ଧଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଞ୍ଝାରପୁର ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ବେହେରା ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସମ୍ପାଦକ ସୁଶାନ୍ତ କୁମାର ରାଉତରାୟ, କୋଷାଧ୍ୟକ୍ଷ ସଞ୍ଜୟ ପତିଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟା ନନ୍ଦିନୀ ଆଚାର୍ଯ୍ୟ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଦ୍ଧ ମହାପୁରୁଷ ବାବା କାହ୍ନୁ ଗୋସେଇଁଙ୍କ ମହାପ୍ରୟାଣ ଦିବସ

# ଧର୍ମସଭାରେ ଏକାଠି ହେଲେ ବହୁ ସାଧୁସନ୍ଥ

**ଶଙ୍ଖଚିଲା, ୯।୧୨(ସମିସ)**



କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥ ନାଉଡପୁରରେ ଥିବା ସିଦ୍ଧ ମହାପୁରୁଷ ବାବା କାହ୍ନୁ ଗୋସ୍ୱାମୀଙ୍କ ୯୫ତମ ମହାପ୍ରୟାଣ ଦିବସ ପରିପ୍ରେକ୍ଷୀରେ ସାଧୁ ମିଳନ ସହ ଧୁନି ଯଜ୍ଞ, ନାମଯଜ୍ଞ ଓ ଧର୍ମସଭା ୬ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ରବିବାର ସମାପନ ହୋଇଛି । ଏହି ଧର୍ମସଭାରେ ଯୋଗଦେବାକୁ ଆସିଥିବା ସମସ୍ତ ସାଧୁସନ୍ଥ ଓ ଅତିଥିଙ୍କୁ ଶଙ୍ଖଚିଲା ବଜାରସ୍ଥ ଖମଣ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଧର୍ମସଭା ସ୍ଥଳ କାହ୍ନୁ ଗୋସ୍ୱାମୀ ସାଧନା ପୀଠକୁ ଭଜନ କୀର୍ତ୍ତନ ସହ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା । ଏହି ଧର୍ମସଭାରେ କମିଟି ସଭାପତି ମଦନମୋହନ ସାହୁ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ସଭ୍ୟ ଅକ୍ଷୟ ଜେନାଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ତଥା ଧର୍ମପ୍ରାଣ ନିଗମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ମାଳିକା ପ୍ରବକ୍ତା ଦାଶରଥି ଦୟାନିଧି ମହାରାଜ, ସମ୍ମାନିତ ଅତିଥି ବାବାଜୀ ନୀଳାଚଳ ଦାଶମହାରାଜ, ସନ୍ଥ ପାଗଳ ବାବା, ସନ୍ଥ ମଦନମୋହନ ମହନ୍ତ ଓ ବ୍ରହ୍ମଚାରୀ ହିମାଂଶୁ ଚୈତନ୍ୟ ମହାରାଜ ଯୋଗ ଦେଇଥିଲେ । ଏଥିସହିତ ଅଞ୍ଚଳର କୁମ୍ଭଣ୍ଡୁଆ ମଠର ସାଧୁ ରାଧେଶ୍ୟାମ ଦାଶ ମହାରାଜଙ୍କ ନେତୃତ୍ୱରେ ସାଧୁମେଳି କରାଯାଇ ଧୂନି ଯଜ୍ଞ କରାଯାଇଥିଲା । ସଂକୀର୍ତ୍ତନ ନାମଯଜ୍ଞ ବରିଷ୍ଠ ସଭ୍ୟ ଧନେଶ୍ୱର ନାଥ ଓ ବାଇଧର ନାୟକଙ୍କ ନେତୃତ୍ୱରେ ସମାପନ ହୋଇଥିଲା ।

ପ୍ରଥମେ ଧର୍ମସଭାକୁ ପଣ୍ଡିତ ଲକ୍ଷ୍ମୀଧର ଅଧିକାରୀ ବେଦ ପାଠ କରାଇ ଅତିଥିଙ୍କ ଦ୍ୱାରା ସମୂହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉଦଘାଟନ କରିଥିବାବେଳେ କାହ୍ନୁ ଗୋସ୍ୱାମୀ କମିଟି ସମ୍ପାଦକ ରଘୁନାଥ ବେହେରା ସ୍ୱାଗତ ଭାଷଣ ଓ ବିବରଣୀ ଉପସ୍ଥାପନ କରିଥିଲେ । କମିଟିର କାର୍ଯ୍ୟନିର୍ବାହୀ ସଭ୍ୟ ନିରଞ୍ଜନ ସାହୁ ଓ ସାଥୀ ବିଦ୍ୟାଧର ସାହୁ, ଅନନ୍ତ ମଲ୍ଲିକ, ଉପେନ୍ଦ୍ର ସାହୁ, ଗୋପିନାଥ ନାୟକ, ନାରାୟଣ ସାହୁ ଅତିଥିଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ ଦ୍ୱାରା ୧୯୭୨ରେ ଲିଖିତ ମାତ୍ର ଅପ୍ରକାଶିତ ପୁସ୍ତକ 'ଶ୍ରୀଶ୍ରୀ ସିଦ୍ଧ କାହ୍ନୁ ଗୋସ୍ୱାମୀ ଚରିତ' ପୁସ୍ତକକୁ ତାଙ୍କ ପୁତ୍ର ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ସାହୁଙ୍କ ଦ୍ୱାରା ପ୍ରକାଶନ କରାଯାଇ ଉଦ୍‌ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଭ୍ୟ ବିମଳେନ୍ଦୁ ସାହୁ, ଭୀମସେନ ସାହୁ, ରବୀନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ମହାକୁଡ଼, ଈଶ୍ୱର ସାହୁ, ଗୌରାଙ୍ଗ ସାହୁ, ଜଗବନ୍ଧୁ ବିନ୍ଧାଣି, ଗୋପାଳ ମଲିକ, ଶତ୍ରୁଘ୍ନ ସାହୁ, ରାଧାକାନ୍ତ ସାହୁ, ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଉପସଭାପତି ଚକ୍ରଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ

**ବଡ଼ଚଣା, ୯।୧୨(ସମିସ):** ଆଜି ପୂର୍ବାହ୍ନରେ ଚଣ୍ଡିଖୋଲ ଛକରେ ଜଣେ ଅଜଣା ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ବୃଦ୍ଧ ଜଣକ ଗତ କିଛିଦିନ ପୂର୍ବରୁ ଚଣ୍ଡିଖୋଲ ଛକରେ ଏଣେତେଣେ ବୁଲାବୁଲି କରୁଥିଲେ । ଆଜି ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ସେ ତଳେ ପଡ଼ିଯାଇଥିଲେ । ଛକର କେତେକ ଯୁବକ ତାଙ୍କୁ ଚଣ୍ଡିଖୋଲରେ ଥିବା ଆଶୁ ଆରୋଗ୍ୟ କେନ୍ଦ୍ରକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁ ପୂର୍ବରୁ ବୃଦ୍ଧ ଜଣକ ବହୁ କଷ୍ଟରେ ତାଙ୍କ ନାମ ପ୍ରମୋଦ କର, ବୟସ ୭୫ ବର୍ଷ କହିବା ସହିତ ତାଙ୍କ ଘର କଟକ ଜିଲ୍ଲାର ଅଡ଼ଶପୁର ବୋଲି କହିଥିଲେ । ଏ ନେଇ କେନ୍ଦ୍ରର ଡାକ୍ତର ସୁମନ ସୁପ୍ରୀତି ନାୟକ ବଡ଼ଚଣା ଥାନାକୁ ଜଣାଇଥିଲେ । ପରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲକୁ ନିଆଯାଇଥିଲା । ବୃଦ୍ଧ ଜଣକ ତାଙ୍କ ସମ୍ପର୍କରେ ଦେଇଥିବା ନାମ ଓ ଠିକଣାକୁ ଆଧାର କରି ଥାନା ପକ୍ଷରୁ ଉଦ୍ୟମ ଜାରି ରହିଥିବା ଥାନାଧିକାରୀ ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି ।

# ଦୋକାନରୁ ଚୋରି, ପୁଲିସର ତଦନ୍ତ

**ପାଣିକୋଇଲି, ୯ ।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଦୁର୍ଗା ମାର୍କେଟରେ ଥିବା ମା' ହିଙ୍ଗୁଳା ଏଣ୍ଟରପ୍ରାଇଜେସରୁ ରବିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ମାଲିକ ମନୋଜ ଦାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଥାନାର ସବଇନ୍ସପେକ୍ଟର ସ୍ମୃତିମଞ୍ଜରୀ ବଡ଼ଜେନା ସାଇଣ୍ଟିଫିକ ଟିମ ଓ ସ୍ୱାନ କୁକୁର ସାହାଯ୍ୟରେ ତଦନ୍ତ କରିଛନ୍ତି। ମନୋଜ ରବିବାର ରାତି ୯.୩୦ରେ ଦୋକାନ ବନ୍ଦ କରିଥିଲେ। ପରଦିନ ଦୋକାନର କର୍ମଚାରୀ ଆସି ଦେଖିଲା ବେଳକୁ ସଟରର ତାଲା ଭଙ୍ଗାଯାଇଛି। କର୍ମଚାରୀ ମାଲିକ ମନୋଜଙ୍କୁ ଜଣାଇବା ପରେ ପୁଲିସରେ ଅଭିଯୋଗ କରିଥିଲେ।

### ବଡ଼ଚଣା ବ୍ଲକରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୦୪ ମାମଲାର ତତ୍କାଳ ଫଇସଲା

**ଯାଜପୁର, ୯ ।୧୨(ସମିସ)**

ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି, ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଉକ୍ତ ଶିବିରରେ ୧୦୪ଟି ମାମଲାର ତତ୍କାଳ ଫଇସଲା ହୋଇଛି।

ଆଜି ଶିବିରରେ ୧୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରେ ୪୯ଟି ବ୍ୟକ୍ତିଗତ, ୩ଟି ଗୋଷ୍ଠୀଗତ, ୯୯ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଥିଲା। ଏଥିରୁ ୧୦୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଉକ୍ତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।



# ସ୍ୱାମୀଙ୍କ ବିରୁଦ୍ଧରେ ସ୍ତ୍ରୀ ଥାନାର ଦ୍ୱାରସ୍ଥ

**ପାଣିକୋଇଲି, ୯ ।୧୨(ସମିସ):** ସ୍ୱାମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା। ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ସାରଥି ମଲିକ କୋରାଇ ଥାନା ଅନ୍ତର୍ଗତ ପଛିକୋଟ ଗ୍ରାମର ଦ୍ୱୀଜ ମଲିକଙ୍କ ପୁଅ ଲିଲୁ ମଲିକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ପ୍ରଦାନ କରାଯାଇଥିଲା। ମାତ୍ର ବାହାଘରର ୧୫ ଦିନ ନ ପୁରୁଣୁ ଲିଲୁ ଅଧିକ ଯୌତୁକ ଦାବି କରି ସ୍ୱାମୀ ପ୍ରତିଦିନ ମଦ୍ୟପାନ କରି ସାରଥିଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶାରିରୀକ ନିର୍ଯାତନ ଦେଇଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସାରଥି ବାପଘରକୁ ଆସି ଥାନାରେ ଅଭିଯୋଗ କରିଛନ୍ତି।

# ଅଶୋକଝରର ପର୍ଯ୍ୟଟନ ସ୍ଥଳୀରୁ ଚାନ୍ଦା ଆଦାୟ ଅଭିଯୋଗ

**ଯାଜପୁର, ୯ ।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତରେ ଥିବା ଯାଜପୁର ଜିଲ୍ଲାର ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଅଶୋକଝରର ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବର୍ତ୍ତମାନ ପିକନିକ ଋତୁ ଚାଲିଥିବାବେଳେ ଜିଲ୍ଲା ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଯାହାର ଫାଇଦା ନେଉଛନ୍ତି ଏହି ଯୁବକ। ଜୋର ଜବରଦସ୍ତ ବିଭିନ୍ନ ଆଳଦେଖାଇ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି।

ରାଜ୍ୟ ସରକାର ଅଶୋକଝରର ପର୍ଯ୍ୟଟନ ସ୍ଥଳୀକୁ ଲେମ୍ବୋ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି। ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଓ ଏହାର ଗଣପର୍ବ ମକର ସଂକ୍ରାନ୍ତି ନିମନ୍ତେ ପଞ୍ଚାୟତ ପକ୍ଷରୁ ତହସିଲଦାର ଓ ଜଙ୍ଗଲ ବିଭାଗଠାରୁ ଅନୁମତି ମଗାଯାଇଛି। କିନ୍ତୁ ହରିଡ଼ା ବାହାଳି (ସାମନ୍ତରାପୁର) ଗ୍ରାମର ଦେବେନ୍ଦ୍ର ମହାନ୍ତ ଓ ପଙ୍କଜ ମହାନ୍ତଙ୍କ ସମେତ ଅନ୍ୟ କିଛି ଯୁବକ 'ଅଶୋକଝର ବିକାଶ ପରିଷଦ ସମିତି' ନାମରେ ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କଠାରୁ ଦୁଇଚକିଆ, ଚାରିଚକିଆ ଯାନ ଲାଗି ଚାନ୍ଦା ଆଦାୟ କରୁଛନ୍ତି। ଏ ନେଇ ଲେମ୍ବୋ ସରପଞ୍ଚ କଳ୍ପନା ପାତ୍ର, ୱାର୍ଡସଭ୍ୟ ବାବୁଲି ଦାସ, ଲଳିତା ଶୁଣ୍ଠି, ଲିଲି ମାଝୀ, ଲାଲମୋହନ ସାହୁ, ଭକ୍ତବନ୍ଧୁ ମହାନ୍ତ, କପିଳ ପ୍ରଧାନ, ବିଶ୍ୱନାଥ ପାତ୍ର ପ୍ରମୁଖ ଯାଜପୁର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଡିଜିଟାଲ ସେବା କେନ୍ଦ୍ର ଠକେଇର ଶିକାର

**ପାଣିକୋଇଲି, ୯ ।୧୨(ସମିସ):** ସାଇବର ଲୁଟେରା ଜନସାଧାରଣ ଓ ବ୍ୟବସାୟିକ ସଂସ୍ଥାରୁ ଅଭିନବ ଉପାୟରେ ଟଙ୍କା ଲୁଟ୍ କରୁଥିବାବେଳେ ପୁଲିସ କିମ୍ବା ସାଇବର ବିଭାଗ ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ତେବେ ଟଙ୍କା ଟ୍ରାନ୍ସଫର କରିବାକୁ ଯାଇ ଏକ ଡିଜିଟାଲ ସଂସ୍ଥା ଠକେଇର ଶିକାର ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ସୋଡି ଗ୍ରାମର ସଞ୍ଜୟ ଦାସ ଏକ ଡିଜିଟାଲ ସେବା କେନ୍ଦ୍ର କରିଛନ୍ତି। ରବିବାର ପୂର୍ବାହ୍ନ ୧୧ଟା ସମୟରେ ବାଲେଶ୍ୱର ଜିଲ୍ଲା ସୋରୋ ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ପୁଅ ସନ୍ତୋଷ କୁମାର ଦାସ ସଞ୍ଜୟଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ସାଙ୍ଗ ଶୁଭମ ଧୁରେନ ପ୍ରସାଦ ଶୁକ୍ଳାଙ୍କ ଆକାଉଣ୍ଟକୁ ୨୦ ହଜାର ଟଙ୍କା ପଠାଇବାକୁ ଅନୁରୋଧ କରିଥିଲେ। ପରେ ତାଙ୍କ କର୍ମଚାରୀ ୨୦ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ତେବେ ସନ୍ତୋଷ ଟଙ୍କା ଆଣି ଦେଉଛି କହି ନିଜ ସ୍ମାର୍ଟ ଫୋନକୁ ସେଠାରେ ଜିମା ଦେଇ ଚାଲିଯାଇଥିଲେ। ବହୁ ସମୟ ଧରି ସନ୍ତୋଷ ନ ଫେରିବାରୁ ସଞ୍ଜୟଙ୍କ ସନ୍ଦେହ ହେବାରୁ ସେ ଫୋନକୁ ଖୋଲି ଦେଖିବାରୁ ସେଥିରେ ସିମ ନ ଥିବା ଜାଣିବା ପରେ ଠକାମୀର ଶିକାର ହୋଇଛନ୍ତି ବୋଲି ଜାଣିପାରିଲେ। ପରେ ସେ ଟଙ୍କା ପଠାଇଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେବା ଲାଗି ସମ୍ପୃକ୍ତ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରକୁ ଫୋନ କରି ଅନୁରୋଧ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା। କିନ୍ତୁ ସେତେବେଳକୁ ପଠାଯାଇଥିବା ଟଙ୍କାରୁ ସେ ୯ ହଜାର ଟଙ୍କା ଉଠାଇ ସାରିଥିଲେ। ଏ ନେଇ ସଞ୍ଜୟ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରିଛି।

# ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନ ପ୍ରତିଯୋଗିତା



**ପ୍ରୀତିପୁର, ୯ ।୧୨(ସମିସ):** ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତ ଅନ୍ତର୍ଗତ ନଛିପୁର ସ୍ଥିତ ନୀଳାଦ୍ରି ବିହାର ପରିସରରେ ଶ୍ରୀମଦ୍ ଭଗବଦ୍ ଗୀତା ଜୟନ୍ତୀ ଉତ୍ସବ ଅବ୍ୟବହିତ ପୂର୍ବରୁ ଆଜି ଶ୍ରୀମନ୍ଦିର ପରିସରରେ ଗୀତା ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ ମାନଙ୍କରୁ ୫୬ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଶିକ୍ଷାବିତ୍ ଅଶୋକ କୁମାର ଆଚାର୍ଯ୍ୟ ଓ ସୁଧୀର କୁମାର ଆଚାର୍ଯ୍ୟ ଙ୍କ ସମେତ ସଦସ୍ୟମାନେ ପରୀକ୍ଷା ପରିଚାଳନା କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିର ସଭାପତି ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମାଜସେବୀ ପଦ୍ମାକର ଗୁରୁ ଯୋଗଦେଇ ଚଳିତ ବର୍ଷର ଗୀତା ଜୟନ୍ତୀ କାର୍ଯ୍ୟକ୍ରମ ଟିକୁ ସରସ ସୁନ୍ଦର ଭାବେ କରାଯାଉ ବୋଲି ମତାମତ ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଗନ ବିହାରୀ ଆଚାର୍ଯ୍ୟ, ଅଶୋକ କୁମାର ଆଚାର୍ଯ୍ୟ ସୁଧୀର କୁମାର ଆଚାର୍ଯ୍ୟ ଭକ୍ତହରି ବିଶ୍ୱାଳ, ସେବାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଇଂ.ଅମ୍ବରୀଶ ଆଚାର୍ଯ୍ୟ, ସୁରେନ୍ଦ୍ର କୁମାର ଦାସ, ପବିତ୍ର ପଣ୍ଡା, ଶଶଧର ସାହୁ, ବ୍ରଜକିଶୋର ସାହୁ, ଶୁଜଧର ଖିଲାରଙ୍କ ସମେତ ବହୁ ଲୋକ ଯୋଗଦେଇଥିଲେ। ଗୀତାଜ୍ଞାନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ଜଣେ କୃତୀ ଶିକ୍ଷକ ତଥା ସାଂସ୍କୃତିକ ପ୍ରାଣ ବ୍ୟକ୍ତି ଭାବରେ ତ୍ରିଲୋଚନ ପତିଙ୍କୁ ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ସିଦ୍ଧାନ୍ତ ଗୃହୀତ ହୋଇଥିଲା।

### ଦାବି ଶୁଣିଲାନି ପ୍ରଶାସନ

# ଥାନା ସମ୍ମୁଖରେ ଆନ୍ଦୋଳନ କରିବ ଗରିବ ବିକାଶ ମଞ୍ଚ

**ଦଶରଥପୁର, ୯।୧୨(ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧୀନ ନିଜାମପୁର ପଞ୍ଚାୟତର ପାରିପଦାସ୍ଥ ଗରିବ ବିକାଶ ମଞ୍ଚ ପକ୍ଷରୁ ଦିଆଯାଇଥିବା ଦାବି ପ୍ରଶାସନ ଶୁଣୁ ନ ଥିବାରୁ ଆସନ୍ତାବର୍ଷ ଜାନୁଆରୀ ୬ ତାରିଖରେ ମଙ୍ଗଳପୁର ଥାନା ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚର କର୍ମକର୍ତ୍ତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ଯାଜପୁର ଜିଲ୍ଲାପାଳଙ୍କୁ ମଙ୍ଗଳପୁର ଥାନା ମାଧ୍ୟମରେ ଲିଖିତ ଭାବେ ଅବଗତ କରିଥିବା ଜଣାଯାଇଛି। ଏହି ଦିନ ବିକାଶ ମଞ୍ଚ କର୍ମକର୍ତ୍ତାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମଙ୍ଗଳପୁର ଥାନା ସମ୍ମୁଖରେ ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଦଶରଥପୁର ବିଡିଓଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ କର୍ତ୍ତୃପକ୍ଷଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ ପେଟେଣ୍ଟ ମେଡ଼ିସିନ୍ ପୁସ୍ତକରେ ମଧ ନିଆଁ ଲଗାଇବେ ବୋଲି ମଙ୍ଗଳପୁର ଥାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ସୂଚନା ମୁତାବକ, ଗରିବ ବିକାଶ ମଞ୍ଚ ପକ୍ଷରୁ ସାମାଜିକ ସହାୟତା ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ୧ ହଜାର ପରିବର୍ତ୍ତେ ୩ ହଜାର ଟଙ୍କା ପ୍ରଦାନ, କୋତପୁରଠାରୁ ଦଉପୁରକୁ ସଂଯୋଗ ହୋଇଥିବା ରାସ୍ତା ପାଇଁ ଜମି ହରାଇଥିବା ଗ୍ରାମବାସୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ମିଟର ପରିବର୍ତ୍ତେ ତ୍ରୁଟିଶୂନ୍ୟ ବିଦ୍ୟୁତ୍ ମିଟର ସ୍ଥାପନ, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ ସଂଶୋଧନ, ବିପଦଜନକ ବିଦ୍ୟୁତ୍ ସେବାରେ ଉନ୍ନତି, ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟର ବହୁଳ ବ୍ୟବହାରରେ ରୋକ୍ ଲଗାଇବା ସହ ଗ୍ରାମାଞ୍ଚଳକୁ ନିଶାମୁକ୍ତ ଅଞ୍ଚଳ କରିବା ଭଳି ଅନେକ ଦାବି ୨୦୨୩ରେ ବ୍ଲକ, ଜିଲ୍ଲା ସ୍ତରର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବାବେଳେ ଚଳିତବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବିକାଶ ମଞ୍ଚର ଏସବୁ ଦାବି ସମ୍ପର୍କରେ ସ୍ଥାୟୀ ସମାଧାନ ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଅଦ୍ୟାବଧି ଏହା ଉପରେ ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ମଞ୍ଚ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ମଞ୍ଚର ରାଜ୍ୟ ସଭାପତି ରବି ସାହୁ, ଜିଲ୍ଲା ସଭାପତି ଦୁର୍ଗା ବାରିକ, ସମ୍ପାଦକ ଚୌଧୁରୀ ଜେନା, ସଂଯୋଜକ ମାୟାଧର ପାତ୍ର ପ୍ରମୁଖଙ୍କ ସମେତ ମଞ୍ଚର କର୍ମକର୍ତ୍ତା ମଙ୍ଗଳପୁର ଥାନାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରି ଜାନୁଆରୀ ୬ ତାରିଖରେ ମଙ୍ଗଳପୁର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳ, ବିଡିଓଙ୍କ କୁଶ ପୁତ୍ତଳିକା ଦାହ କରିବାକୁ ଚେତାବନୀ ଦେଇଥିବା ଜଣାଯାଇଛି।

# ମା' ଖଣ୍ଡୁରାଇ ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରତିଭା ଅନ୍ୱେଷଣ



**ସୁକିନ୍ଦା, ୯।୧୨(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମା' ଖଣ୍ଡୁରାଇ ମୀନାବାଜାର ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସୁକିନ୍ଦା ରାଜାସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ରବିବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହି ମଞ୍ଚର ମୂଳ ଲକ୍ଷ୍ୟ ବୋଲି ଆୟୋଜକ କହିଛନ୍ତି। ସୁକିନ୍ଦା ଓ ଆଖପାଖ ଅଞ୍ଚଳର ବହୁ କୁନି ପ୍ରତିଭା ଏହି ମଞ୍ଚରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥା'ନ୍ତି। ଏହି ସାଂସ୍କୃତିକ ମଞ୍ଚର ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ, ବୋତଲଣ୍ଡା ଓ ସୁକିନ୍ଦା ହାଇସ୍କୁଲ ଛାତ୍ରଛାତ୍ରୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆୟୋଜକ କମିଟି ପକ୍ଷରୁ ଜଗନ୍ନାଥ ସାମଲ, ଜିଜ୍ଞାସୁ ସାହୁ, କାର୍ତ୍ତିକଲାଲ ଭଟ୍ଟାଚାର୍ଯ୍ୟ, ମନୋରଞ୍ଜନ ବେହେରା, ଅମରେନ୍ଦ୍ର ବେହୁରା, ଉଦ୍ଧବ ଚରଣ ବେହେରା, ସତ୍ୟବ୍ରତ ବାରିକ, ପୁଲିସ ଏସ୍‌ଆଇ ମଦନମୋହନ ମଲ୍ଲିକ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସାଂସ୍କୃତିକ ମଞ୍ଚ ସାଙ୍ଗକୁ ମୀନାବଜାର ଲାଗି ରହିଥିବାରୁ ସନ୍ଧ୍ୟାରେ ଶତାଧିକ ଦର୍ଶକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସୁକିନ୍ଦା ଅଞ୍ଚଳର ପ୍ରତିଭାଙ୍କୁ ୧୩ ତାରିଖ ଉଦଯାପନୀ ଉତ୍ସବରେ ଏହି ମଞ୍ଚ ପକ୍ଷରୁ ସମ୍ମାନିତ କରାଯିବାର ଯୋଜନା ରହିଛି।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଷଠିପୁର ୯ ।୧୨(ସମିସ):** କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଆଜି ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ମୁଖ୍ୟ ବକ୍ତାଭାବେ ସାମ୍ବାଦିକ ମନୋଜ କୁମାର ସାହୁ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ କୁମାର ଧଳ, ସହ ସମ୍ପାଦକ ରାଜ କିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର କୋଷାଧ୍ୟକ୍ଷ ମଦନ ମୋହନ ମାଝୀ ଯୋଗଦେଇଥିଲେ। ପ୍ରାରମ୍ଭରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪୨ଟି ଖେଳରେ ୫୩୭ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ନକୁଳ ଚରଣ ସାହୁ ଓ ସାଗରିକା ମିଶ୍ର ଖେଳ ପରିଚାଳନା କରିଥିଲେ। ଆଚାର୍ଯ୍ୟା ଜ୍ୟୋର୍ତିମୟୀ ଦ୍ୱିବେଦୀଙ୍କ ସଞ୍ଚାଳନା ପରିଚାଳିତ ସଭାରେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀବିରଜା ସେବା ସମିତିର ଜରୁରୀ ବୈଠକ



**ଯାଜପୁର ଟାଉନ, ୯ ।୧୨(ସମିସ):** ଶ୍ରୀ ବିରଜା ସେବା ସମିତିର ଏକ ଜରୁରୀ ବୈଠକ ମା' ବିରଜାଙ୍କ ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ ଆସନ୍ତା ଜୁନାଆରୀ ୨୯ ତାରିଖ ବୁଧବାର ପଡୁଥିବାରୁ ଏଥିରେ ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଯାଜପୁର ପୌରାଞ୍ଚଳ ଓ ନିକଟବର୍ତ୍ତୀ ଉଚ୍ଚବିଦ୍ୟାଳୟର ୮ମ, ୯ମ ଓ ୧୦ମ ଶ୍ରେଣୀ ଛାତ୍ରଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ହେବାର ସ୍ଥିର ହେଲା। ଦେବୀ ବିରଜା ଓ ବିରଜାକ୍ଷେତ୍ରର ପ୍ରଚାର ପ୍ରସାର ଦିଗରେ ବିଶେଷ ଅବଦାନ ଥିବା ବ୍ୟକ୍ତି ଗୌରାଙ୍ଗ ମହାପାତ୍ର, ଜ୍ୟୋତିଷ ରତ୍ନଙ୍କର ପୌତ୍ର ନରସିଂହ ଚରଣ ମହାପାତ୍ରଙ୍କ ପୁତ୍ର ବିରଜା ପଞ୍ଜିକାର ଗଣନାକାର ଗଦାଧର ମହାପାତ୍ରଙ୍କୁ ସ୍ୱନକ୍ଷତ୍ର ଦିବସରେ ସମ୍ବର୍ଦ୍ଧିତ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହେଲା। ବାର୍ଷିକ ବନ୍ଧୁମିଳନ ଜାନୁଆରୀ ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ହେବାକୁ ସ୍ଥିର ହୋଇଛି। ଆସନ୍ତା ବୈଠକ ଚଳିତ ମାସ ୨୯ ତାରିଖ ରବିବାର ହେବାକୁ ଆପାତତଃ ସ୍ଥିର ହେଲା। ସଭ୍ୟ ମଧୁସୂଦନ ମହାନ୍ତି, ସୂର୍ଯ୍ୟମଣି ବେଦୀ, ବିଷ୍ଣୁଚରଣ ଲେଙ୍କା, ବସନ୍ତ ଦାଶ, ବ୍ରହ୍ମାନନ୍ଦ ସ୍ୱାଇଁ, ଚିତ୍ତରଞ୍ଜନ ନାୟକ, ଆନନ୍ଦିନୀ ମହାପାତ୍ର, ସହସମ୍ପାଦକ ବୃନ୍ଦାବନ ମିଶ୍ର, ଦେବବ୍ରତ ଦାସ, ଗୋପୀନାଥ ସେଠୀ, କୋଷାଧ୍ୟକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ରାଉତ, ନୃସିଂହ ଜେନା, ମିହିର ନାୟକ, ରାମକୃଷ୍ଣ ବେହୁରିଆ, ରବିପ୍ରସାଦ ସାମଲ, ସୂର୍ଯ୍ୟନାରାୟଣ ଦାସ, ଭରତ ସାହୁ, କମଳାକାନ୍ତ ସନ୍ଧିବିଗ୍ରହ ଓ ମଳୟ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନୂତନ ଆଜୀବନ ସଭ୍ୟ ଭାବେ ଦେବବ୍ରତ ଦାସ, ପୂର୍ଣ୍ଣତୋୟା ରାଉତରାୟ, ଅଂଶୁମାନ କେଶରୀ ରାଉତରାୟ, ବିଜୟ ବିଶ୍ୱାଳଙ୍କୁ ସ୍ୱାଗତ କରାଯାଇଥିଲା। ସଭ୍ୟ ଧନଞ୍ଜୟ କେଶରୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାଲକୁଡ଼ି ପଞ୍ଚାୟତରେ ଜନଶୁଣାଣି ଶିବିର

**କୟାଁଗୋଲା, ୯।୧୨ (ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଡିଓ ତ୍ରିଲୋଚନ ସେଠୀ, ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ, ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶାନ୍ତିଲତା ସେଠୀ, ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ତପସ୍ୱିନୀ ରାୟ, ପ୍ରକାଶ ଚନ୍ଦ୍ର ବେହେରା, ରତିରଞ୍ଜନ ଖଣ୍ଡାଇ, ସରପଞ୍ଚ ଗୀତାଞ୍ଜଳି ସେଠୀ ଓ ଯୁବନେତା ଦୀପକ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରାସନ କାର୍ଡ, ଭତ୍ତା, ଶୌଚାଳୟ ଆଦି ୪୬ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବାବେଳେ ୮ଟି ସାମୂହିକ ଅଭିଯୋଗ ଥିଲା। ସରପଞ୍ଚ ଗୀତାଞ୍ଜଳି ସେଠୀଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ



**ବିଞ୍ଝାରପୁର, ୯ ।୧୨(ସମିସ):** ବିଞ୍ଝାରପୁର ବ୍ଲକରେ ହିତାଂଶୁ ଶେଖର ସାମଲ ନୂତନ ବିଡିଓ ଭାବେ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଶ୍ରୀ ସାମଲ ବିଞ୍ଝାରପୁର ବ୍ଲକରେ ପହଞ୍ଚିବା ପରେ ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗଚ୍ଛ ପ୍ରଦାନ କରି ପାଛୋଟି ନେଇଥିଲେ। ଏହା ପୂର୍ବରୁ ଶ୍ରୀ ସାମଲ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବିଡିଓ ଭାବେ କାର୍ଯ୍ୟ କରିଥିବା ଜଣାପଡ଼ିଛି।

# ଛାତ୍ରମିତ୍ର ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ

**କୁଆଖିଆ, ୯।୧୨(ସମିସ)**

ରସୁଲପୁର ବ୍ଲକର ବଡ଼କଇଞ୍ଚି ପଞ୍ଚାୟତ ଅନ୍ତର୍ଗତ ପାଞ୍ଚଗୋଛିଆଠାରେ ଛାତ୍ରମିତ୍ର ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବର୍ଷୀୟାନ ଶିକ୍ଷାବିତ୍ ବେଣୁଧର ଦୋବାଇଙ୍କ ରଚିତ 'ଦିନଲିପି' ଓ ସନ୍ତୋଷ ରଥଙ୍କ ଇଂରାଜୀ କବିତା ସଂକଳନ 'ଇନ୍ ସର୍ଚ୍ଚ ଅଫ୍ ନେକ୍ଟାର୍' ଲୋକାର୍ପିତ ହୋଇଛି।

ପିଙ୍ଗୁଆ ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ବହୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପାଞ୍ଚଗୋଛିଆ ଗ୍ରାମର ବେଣୁଧର ଦୋବାଇଙ୍କ ୯୫ତମ ଜୟନ୍ତୀ ଅବସରରେ ଦେବୀ ଜାଗୁଳାଇ ପୀଠରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବେଣୁଧର ଦୋବାଇ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଶିକ୍ଷକ ନେତା ସଚ୍ଚିଦାନନ୍ଦ ରାଉତ, ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ଶିବଚରଣ ମାଝୀ, ଅଧ୍ୟାପକ ପ୍ରଶାନ୍ତ ଦାସ, ପୂର୍ବତନ ପ୍ରଧାନଶିକ୍ଷକ କବି ରାଜକିଶୋର ପାଢ଼ୀ ଓ ଶିକ୍ଷାବିତ୍ ଜିତେନ୍ଦ୍ର କର ଅତିଥି ଭାବେ ଯୋଗଦେଇ ଶ୍ରୀ ଦୋବାଇଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ଶ୍ରୀ ଦୋବାଇଙ୍କ ତୃତୀୟ ଦ୍ୱିଭାଷୀ ପୁସ୍ତକ 'ଦିନଲିପି' ଓ ସନ୍ତୋଷ ରଥଙ୍କ ଇଂରାଜୀ କବିତା ସଂକଳନ ଉନ୍ମୋଚନ କରିଥିଲେ। ପୂର୍ବୀ ପ୍ରକାଶନ ସଂସ୍ଥା ପକ୍ଷରୁ ଇଂରାଜୀ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ 'ଦିନଲିପି' ପ୍ରକାଶନର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ବେଣୁଧରଙ୍କ ଜନ୍ମଦିନ ଅବସରରେ ୧୨ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଛାତ୍ରମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମଧୁବନ ସରକାରୀ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ଡ. ବିଶ୍ୱଜ୍ୟୋତି ମହାନ୍ତି ଓ ସ୍ମୃତିରଞ୍ଜନ ପ୍ରହରାଜଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ସଫଳ ହୋଇଥିବା ଜାବରା ଗ୍ରାମର ଶୁଭଶ୍ରୀ ସାହୁ, ଖଣ୍ଡିତରର ଲୋକେଶ ନାଥ, ମାନପୁର (ଅଣ୍ଡେଇଗୋଡ଼ା)ର ଚମ୍ପା ମଲିକ, ଧନେଶ୍ୱର (କୋରେଇ)ର ଅରୁଣଜ୍ୟୋତି ମଲିକ, ମହମ୍ମଦପୁର (ବାହଦଲାପୁର)ର ଶୁଭ୍ରାଂଶୁ ସାହୁ, ମିର୍ଜାପୁର (ରାହାମ୍ବା)ର ସେକ୍ କେଫାୟତୁଲ୍ଲା, କରଜଙ୍ଗା (ପ୍ରଥମାଖଣ୍ଡି)ର ଆଶିଷ କୁମାର ଭୋଇ, ଏକତଳା (ଗନ୍ଧଣ)ର ସାଇପ୍ରୀତି ସିଂହ, ଶୁଳିଆ (କଲଣ) ଓ ତାରାକୋଟ(ବରୁଣ୍ଡାଇ, କୋରେଇ)ର ଦୁଇ ଡାକ୍ତରୀ ଛାତ୍ର ଅମରେଶ ଶତପଥୀ ଓ ସଞ୍ଜୟ ରଣାଙ୍କୁ ୨୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏ ଅବସରରେ ପ୍ରଦୀପ ସାମଲ, ଦଶରଥ ସାହୁ, ଅର୍ଜୁନ ସାହୁ, ନରୋତ୍ତମ ସାହୁ, ଗୌରାଙ୍ଗ ଖୁଣ୍ଟିଆ, ପିଙ୍ଗୁଆର ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ଓ ଯାଜପୁର ଜିଲ୍ଲାର ବହୁ ଶୁଭେଚ୍ଛୁ ଯୋଗଦେଇ ଶ୍ରୀ ଦୋବାଇଙ୍କ ଗୁଣଗାନ କରିବା ସହ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଏନ୍‌ସି କଲେଜର ସ୍ନାତକୋତ୍ତର ଛାତ୍ରୀ ସନ୍ଧ୍ୟାରାଣୀ ରାଉଳ ଦୋବାଇଙ୍କ ତୈଳଚିତ୍ର ଅଙ୍କନ କରି ଉପହାର ଦେଇଥିଲେ।



